### ଅନୁସୂଚିତ ଜାତି ଓ ଜନଜାତି ପରେ ପଛୁଆବର୍ଗଙ୍କୁ ସରକାରୀ ଭେଟି

# ୮ କୋଟି ଟଙ୍କାରେ ଆବାସିକ ଗୃହ ନିର୍ମିତ

ଅନୁଗୋଳ, ୯ ।୨(ସମିସ)





ରାଜ୍ୟ ସରକାର ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ବର୍ଗର ଛାତ୍ରଛାତ୍ରୀଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବା ପରେ ଏବେ ପଛୁଆବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ବଡ଼ ଭେଟି ଦେଇଛନ୍ତି। ଅନୁଗୋଳରେ ପ୍ରଥମ ଥର ପାଇଁ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରାୟ ୮ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି ଆବାସିକ ଗୃହ। ସେଠାରେ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ରହିବା ଓ ଖାଇବା ବ୍ୟବସ୍ଥା କରାଯାଇଛି। ଏକକାଳୀନ ୬୦୦ ଛାତ୍ରଛାତ୍ରୀ ଏହି ସୁବିଧା ପାଇପାରିବେ। ଆସନ୍ତା ଶିକ୍ଷାବର୍ଷଠାରୁ ଏହା କାର୍ଯ୍ୟକାରୀ ହେବ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ପଛୁଆବର୍ଗ ଅଭିଭାବକ ଓ ଛାତ୍ରଛାତ୍ରୀ। ପଛୁଆବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟ ସରକାରଙ୍କ ଏହା ଏକ ବଡ଼ ଭେଟି।

ପୂର୍ବରୁ ସରକାର ଅନୁସୂଚିତ ଜାତି ଓ ଜନ ଜାତିର ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ସ୍ଥାନରେ ଆବାସିକ ଗୃହ ଓ ଆବାସିକ ବିଦ୍ୟାଳୟ ନିର୍ମାଣ କରିଛନ୍ତି। ସେଠାରେ ହଜାର ହଜାର ଛାତ୍ରଛାତ୍ରୀ ମାଗଣାରେ ରହିବା ଓ ଖାଇବା ସୁବିଧା ପାଉଛନ୍ତି। ହେଲେ ଏବେ ପଛୁଆ ବର୍ଗ ଛାତ୍ରଛାତ୍ରୀ ଏଭଳି ସୁବିଧା ପାଇପାରିବେ। ପ୍ରଥମ ଥର ପାଇଁ ଅନୁଗୋଳ ବ୍ଲକ ନୂଆ ମଉଜା ଠାରେ ପ୍ରାୟ ୪ ଏକର ଜାଗାରେ ନିର୍ମାଣ କରାଯାଇଛି ଆବାସିକ ଗୃହ। ଗୋଟିଏ ବାଳିକାଙ୍କ ପାଇଁ ଓ ଅନ୍ୟ ଗୋଟିଏ ବାଳକଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ବାଳିକା ମାନଙ୍କ ପାଇଁ ନିର୍ମାଣ ହୋଇଥିବା ଆବାସିକ ଗୃହରେ ୩୦୦ ଛାତ୍ରୀ ଏବଂ ବାଳକମାନଙ୍କ ପାଇଁ ନିର୍ମାଣ କରାଯାଇଥିବା ଗୃହରେ ୩୦୦ ଛାତ୍ର ରହିବା ବ୍ୟବସ୍ଥା କରାଯାଇଛି। ଉଭୟ ଗୃହ ୩ ମହଲା ବିଶିଷ୍ଟ ହୋଇଛି। ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ବିଦ୍ୟୁତ ସଂଯୋଗଠାରୁ ନେଇ ଶଯ୍ୟା, ଗାଧୁଆ ଘର, ପାଇଖାନା ଓ ଅନ୍ୟାନ୍ୟ ସବୁ ସୁବିଧା ଯୋଗାଇ ଦିଆଯାଇଛି। ବାହାରେ ଫୁଲ ବଗିଚା ଓ ସୁନ୍ଦର ସୁନ୍ଦର ଗଛ ଲଗାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମାଣ କରାଯାଇଛି ଆବାସିକ ଗୃହ। ଏହି ଦୁଇଟି ଯାକ ଆବାସିକ ଗୃହ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଜନଜାତି ପଛୁଆବର୍ଗ ଓ ସଂଖ୍ୟାଲଘୁ ବିଭାଗ ତରଫରୁ ୮ କୋଟି ଟଙ୍କା ବ୍ୟୟ କରାଯାଇଛି।

■ ୬୦୦ ଛାତ୍ରଛାତ୍ରୀଙ୍କ ପାଇଁ ରହିବା, ଖାଇବା ମାଗଣା
■ ଆସନ୍ତା ଶିକ୍ଷାବର୍ଷରୁ ହେବ କାର୍ଯ୍ୟକାରୀ

ଏହାଛଡ଼ା ପରିଚାଳନା ଭାର ମଧ୍ୟ ବିଭାଗ ନିଜ ଅଧୀନରେ ରଖିଛି। ଛାତ୍ରଛାତ୍ରୀଙ୍କ ଖାଇବା, ରହିବା, ବିଦ୍ୟୁତ ବିଲ ବାବଦରେ ବାର୍ଷିକ ଲକ୍ଷାଧିକ ଟଙ୍କା ବିଭାଗ ନିଜେ ବହନ କରିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅଛି। ତେଣୁ ସରକାର ପଛୁଆବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ନେଇଥିବା ଏଭଳି ପଦକ୍ଷେପକୁ ବେଶ ପ୍ରଶଂସା କରାଯାଉଛି। ଏହି ଆବାସିକ ଗୃହରେ ୧୦ମ ପାସ୍ କରି ବିଭିନ୍ନ କଲେଜ, ବୈଷୟିକ ଶିକ୍ଷାନୁଷ୍ଠାନ ଓ ଅନ୍ୟ ତାଲିମ କେନ୍ଦ୍ର ଗୁଡିକରେ ଅଧ୍ୟୟନ କରୁଥିବା ପଛୁଆବର୍ଗ ଛାତ୍ରଛାତ୍ରୀ ରହିପାରିବେ। ସେଥିପାଇଁ ସରକାରଙ୍କ କେତେକ ନୀତି ନିୟମ ରହିଛି। ବିଶେଷକରି ଆର୍ଥିକ ଅନୁନ୍ନତ ଥିବା ଛାତ୍ରଛାତ୍ରୀଙ୍କୁ ଅଗ୍ରାଧିକାର ଦିଆଯିବ। ଆସନ୍ତା ୨୦୨୪-୨୫ ଶିକ୍ଷାବର୍ଷ ଠାରୁ ଏହି ଆବାସିକ ଗୃହ କାର୍ଯ୍ୟକାରୀ ହେବ। ଅନୁସୂଚିତ ଜାତି ଜନଜାତି ପଛୁଆବର୍ଗ ଓ ସଂଖ୍ୟାଲଘୁ ବିଭାଗ ତରଫରୁ ଜିଲ୍ଲାର ସମସ୍ତ କଲେଜ, ବୈଷୟିକ ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ତାଲିମ କେନ୍ଦ୍ରଗୁଡିକର କର୍ତ୍ତୃପକ୍ଷଙ୍କୁ ନେଇ ଖୁବଶୀଘ୍ର ବୈଠକ ଅନୁଷ୍ଠିତ ହେବ। ସରକାରଙ୍କ ଗାଇଡଲାଇନ ଅନୁସାରେ କେଉଁ ଛାତ୍ରଛାତ୍ରୀ ଆବାସିକ ଗୃହରେ ରହିପାରିବେ, ସେଭଳି ଛାତ୍ରଛାତ୍ରୀଙ୍କ ତାଲିକା ପ୍ରସ୍ତୁତ କରି ସମ୍ପୃକ୍ତ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ ବିଭାଗକୁ ହସ୍ତାନ୍ତର କରିବେ। ଖୁବଶୀଘ୍ର ଏହା ଶେଷ ହେବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତେଣୁ ମାର୍ଚ୍ଚ ମାସଠାରୁ ଆବାସିକ ଗୃହରେ ନାମ ଲେଖା କାର୍ଯ୍ୟକ୍ରମ ଆରମ୍ଭ କରାଯିବାର ଲକ୍ଷ୍ୟ ରଖାଯାଇଛି। ଅନୁଗୋଳ ଜିଲ୍ଲାରେ ପ୍ରଥମ ଥର ପାଇଁ ଗୋଟିଏ ମାତ୍ର ଆବାସିକ ଗୃହ କାର୍ଯ୍ୟକାରୀ ହେବାକୁ ଯାଉଛି। ଯାହାକି ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ପଛୁଆବର୍ଗର ଲୋକେ କହୁଛନ୍ତି।

## ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ବାର୍ଷିକ ସମ୍ମିଳନୀ



**ଆଠମଲ୍ଲିକ, ୯ ।୨(ସମିସ):** ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ବ୍ଲକ ମନଜୋର ଡାକ ବଙ୍ଗଳାଠାରେ ବ୍ଲକସ୍ତରୀୟ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ବାର୍ଷିକ ସାଧାରଣ ବୈଠକ ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଙ୍ଘର ସଭାପତି ବିବେକାନନ୍ଦ ନନ୍ଦ ଭୁକ୍ତା ସଭାପତିତ୍ୱ କରିଥିଲେ। ଏଥିରେ ସ୍ୱାସ୍ଥ୍ୟ ବୀମା, ଅବସରପ୍ରାପ୍ତ ବୟସ୍କ କର୍ମଚାରୀମାନଙ୍କ ପାଇଁ ମେଡିକାଲ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା, ଦିବ୍ୟାଙ୍ଗମାନଙ୍କ ପାଇଁ ଆଶ୍ରୟ ସ୍ଥଳ ସ୍ଥାପନକରିବା, ଆଠମଲ୍ଲିକ ଉପଖଣ୍ଡରେ ପ୍ରଶାସନ ତରଫରୁ ହୋଇଥିବା ବିଭିନ୍ନ କମିଟିରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସଭ୍ୟ ଭାବରେ ଗ୍ରହଣ କରିବା ପାଇଁ ଆଲୋଚନା ହୋଇଥିଲା। ଏହି ସବୁ ଦାବି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଠମଲ୍ଲିକ ଉପଜିଲ୍ଲାପାଳଙ୍କୁ ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। କାର୍ଯ୍ୟକ୍ରମରେ ୮୯ ବର୍ଷୀୟ ଆଠମଲ୍ଲିକର ଅବସରପ୍ରାପ୍ତ ଶିକ୍ଷକ ନବକୁମାର ଭୁକ୍ତାଙ୍କୁ ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ୮୦ ବର୍ଷରୁ ଊର୍ଦ୍ଧ୍ୱ ୧୩ ଜଣ ବରିଷ୍ଠ ସଦସ୍ୟଙ୍କୁ ମାନପତ୍ର ଏବଂ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ସମ୍ପାଦକ ବିପିନ ବିହାରୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଦେବରାଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଚିତ୍ତରଞ୍ଜନ ତ୍ରିପାଠୀ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଭବାନୀଶଙ୍କର ମିଶ୍ର, ଚିତ୍ତରଞ୍ଜନ ପ୍ରଧାନ, ହିମାଂଶୁ ପ୍ରଧାନ, ରାଜକିଶୋର ବିଶ୍ୱାଳଙ୍କ ସମେତ ୯୪ ସଭ୍ୟ ଉପସ୍ଥିତ ଥିଲେ।

## ଆଠମଲ୍ଲିକ ମହାବିଦ୍ୟାଳୟରେ ଆଲୋଚନାଚକ୍ର




**ଆଠମଲ୍ଲିକ, ୯ ।୨(ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ମହାବିଦ୍ୟାଳୟରେ ଇତିହାସ ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାକୁ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମେହେର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଆଦିତ୍ୟ କୁମାର ସାହୁ ଯୋଗ ଦେଇଥିଲେ। ଏହି ପାଠଚକ୍ରରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା କ୍ଷୀରୋଦିନୀ ଜୟ ପୌରୋହିତ୍ୟ କରିଥିଲେ। ଅଧ୍ୟାପକ କ୍ଷୀରୋଦ ପ୍ରଧାନ ଓ ଅଧ୍ୟାପକ ମଦନ ପ୍ରଧାନ ତାଙ୍କର ନିଜର ବକ୍ତବ୍ୟ ରଖିଥିଲେ। ଛାତ୍ରୀ ପ୍ରାପ୍ତିମୟି ମହାନ୍ତି, ସଙ୍ଗିତା ଜଗଦଳା ଏବଂ ଛାତ୍ର ବିଶେଷ ସାହୁ ନିଜର ସନ୍ଦର୍ଭ ପାଠ କରିଥିଲେ। ଶେଷରେ ଅଧ୍ୟାପକ କ୍ଷୀରୋଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ପଞ୍ଚାୟତରେ ଜନଅଭିଯୋଗ ଶୁଣାଣି

**କିଶୋରନଗର, ୯।୨(ସମିସ):** କିଶୋରନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ଧାର୍ଯ୍ୟ ସମୟ ଭିତରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଆସନ୍ତା ୧୨ରେ ଆମ୍ବପାଳ, ୧୯ରେ ଗାଁ ବଇଣ୍ଡା ଓ ୨୬ରେ ହଣ୍ଡପା ପଞ୍ଚାୟତରେ ଏହି ଶିବିର ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଶିବିରରେ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେବେ।

## ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ତାଲିମ



**କିଶୋରନଗର, ୯।୨(ସମିସ):** କିଶୋରନଗର +୨ କଲେଜରେ ଛାତ୍ରୀମାନଙ୍କୁ ନେଇ ୮ ଦିନ ଧରି ତାଲିମ ଶିବିର ଆଜି ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ କଲେଜର ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ କିଶୋରନଗର ଥାନା ଆଇଆଇସି ବିଭୂତି ପ୍ରଧାନ ଯୋଗଦେଇ ଛାତ୍ରୀମାନଙ୍କୁ ନିଜର ଆତ୍ମରକ୍ଷା ପାଇଁ ବିଭିନ୍ନ କୌଶଳ ଉପରେ ପ୍ରବର୍ତ୍ତାଉଥିଲେ। ତାଲିମଦାତା ପ୍ରିୟଦର୍ଶିନୀ ପ୍ରଧାନ, ସୁନୀତା ନାୟକ ଯୋଗଦେଇ ୧୭୧ଜଣ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୋଲିସ ସବ ଇନିସପେକ୍ଟର ପ୍ରଶନ୍ନ ରାଉତ, ଅଧ୍ୟାପିକା ଐଶର୍ଯ୍ୟା ମିଶ୍ର, ସୁନେଲିକା କୁମାରୀ ଯୋଗଦେଇ ଏହି ଶିବିରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ।

## ପିଏମ୍ଆଇଟି ବୈଷୟିକ ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡ଼ା




**ତାଳଚେର, ୯ ।୨(ସମିସ):** ତାଳଚେରର ପବିତ୍ରମୋହନ ବୈଷୟିକ ଶିକ୍ଷାନୁଷ୍ଠାନରେ ବାର୍ଷିକ କ୍ରୀଡ଼ା ମହୋତ୍ସବ ଏବଂ ପବିତ୍ର ମୋହନ ଜୟନ୍ତୀ ଭବ୍ୟ ସମାରୋହରେ ପାଳିତ ହୋଇଯାଇଛି। ସରାଙ୍ଗ ଇନ୍ଦିରା ଗାନ୍ଧୀ ବୈଷୟିକ ଶିକ୍ଷାନୁଷ୍ଠାନର ଇଲେକଟ୍ରିକାଲ ବିଭାଗ ପ୍ରଫେସର ବିଭୁ ପ୍ରସାଦ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାର ଉଦଘାଟନ କରିଥିଲେ। ତାଳଚେର ମହାବିଦ୍ୟାଳୟର ରାଜନୀତି ବିଭାଗ ମୁଖ୍ୟ ଅଧ୍ୟାପିକା କଳ୍ପନା ବୋଇତି, ବିକାଶ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷା ମୃଦୁଳା ଟି. ପ୍ରଧାନ, ପଦାର୍ଥ ବିଜ୍ଞାନ ଅଧ୍ୟାପିକା ସସ୍ମିତା ପଣ୍ଡା ନିଜର ଭାଷଣ ଦେଇଥିବା ବେଳେ ଅଧ୍ୟକ୍ଷ ତୁଷାରକାନ୍ତ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନରେ ଆୟୋଜିତ ହୋଇଯାଇଥିବା ଖେଳକୁଦ, ନାଚଗୀତରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କ କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ। ପି.ଏମ.ଆଇ.ଟି.୨ୟ ବର୍ଷ ଏଲେକ୍ଟ୍ରି କାଲ ବିଭାଗ ଛାତ୍ର ଗିରିଜାନନ୍ଦନ ସାହୁ ଚଳିତ ବର୍ଷ ଚମ୍ପିୟାନ ହୋଇଛନ୍ତି। ଶେଷରେ ଅନୁଷ୍ଠାନର ମେକାନିକାଲ ବିଭାଗ ମୁଖ୍ୟ ଇଞ୍ଜିନିୟର ରାଜେଶ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବାର୍ଷିକ କ୍ରୀଡ଼ାରେ ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଏକାଡ଼େମୀ ନିର୍ଦ୍ଦେଶକ ଇଞ୍ଜିନିୟର ଶରତ ଚନ୍ଦ୍ର ବିଶ୍ୱାଳ, ଆୟୋଜକ କାର୍ତ୍ତିକେଶ୍ୱର ସାହୁ ଏବଂ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ତାଳଚେର, ୯ ।୨(ସମିସ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆମ୍ବମୁଣ୍ଡା ଡେଲାର ଦ୍ୱାବିଂଶତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ମୃଦୁଳା ଠାକୁର ପ୍ରଧାନ, ମୁଖ୍ୟବକ୍ତା ଡ଼ଃ. ସରୋଜ କୁମାର ହାତୀ(ମନ୍ତ୍ରୀ ବିଦ୍ୟାଭରତୀ ପୂର୍ବକ୍ଷେତ୍ର), ସ୍ୱତନ୍ତ୍ର ଅତଥି ଦିବାକର ମାଝୀ (ମୁଖ୍ୟ ପବନ୍ ଖନନ ବିଭାଗ ଜଗନ୍ନାଥ କ୍ଷେତ୍ର ଏମସିଏଲ), ସମ୍ମାନୀତ ଅତିଥି ଡ଼େରା ଗ୍ରାମ ପଞ୍ଚାୟତର ସରପଞ୍ଚ ଗୀତିଶ ପ୍ରଧାନ, ଅନ୍ୟତମ ଅତିଥିଭାବେ ସମିତି ସଭ୍ୟା ରୀନା ପ୍ରଧାନଙ୍କ ଉପସ୍ଥିତିରେ ଡ଼େରା ସରପଞ୍ଚଙ୍କ ଦ୍ୱାରା ନିର୍ମିତ ହୋଇଥିବା ବିଦ୍ୟାଳୟରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଶିଶୁଙ୍କ ଉଦ୍ଦେଶ୍ୟରେ ଉଦଘାଟନ କରାଯିବା ପରେ ଦ୍ୱାବିଂଶ ବାର୍ଷିକ ଉତ୍ସବର କାର୍ଯ୍ୟକ୍ରମକୁ ଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରାଯାଇଥଲା। ଉତ୍ସବର ମଞ୍ଚାସୀନ ଅତିଥିମାନଙ୍କର ପରିଚୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଭିମନ୍ୟୁ ବାରିକ ରଖିଥିଲେ। ଯୁଗ୍ମସମ୍ପାଦକ ଦିବେଶ ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ସଭାପତି ଉପେନ୍ଦ୍ର ପରିଡ଼ାଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ, ପରିଚାଳନା ହୋଇଥିଲା। ଉପସ୍ଥିତ ଥିବା ସମସ୍ତ ଅତିଥି ଅଧିକାରୀ ଓ ପରିଚାଳିତ ସମିତିର ସମସ୍ତ ସଦସ୍ୟଙ୍କୁ ଶାଲ ଓ ବୃକ୍ଷ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଉପସଭାପତି ଗିରିଶ ପ୍ରଧାନ ସମସ୍ତ ଅତିଥିଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ବନ୍ଦେ ମାତରମ୍ ଗାନ କରାଯାଇ ସଭାକାର୍ଯ୍ୟ ସମ୍ପାଦନା କରାଯାଇଥିଲା। ଶିଶୁମାନଙ୍କ ଦ୍ୱାରା ପ୍ରସ୍ତୁତ ୫ଟି ବିଷୟ ଯଥା ଶରୀରକୁ ଯୋଗ, ସଙ୍ଗୀତ, ସଂସ୍କୃତ ଓ ନୈତିକ, ଆଧାତ୍ମିକ ଶିକ୍ଷାକୁ ଆଧାରକରି ପ୍ରସ୍ତୁତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା।

## ଏନ୍‌ଟିପିସି କଣିହାଁରେ ଗ୍ରାମୀଣ ସାଂସ୍କୃତିକ ପ୍ରତିଯୋଗିତା




**ତାଳଚେର, ୯ ।୨(ସମିସ):** ଏନଟିପିସି ତାଳଚେର କଣିହାଁ ଦ୍ୱାରା ଏହାର ସିଏସ୍ଆର ପଦକ୍ଷେପ ଅନୁଯାୟୀ ଫେବୃଆରୀ ୮ତାରିଖରେ ଏକାଦଶ ଗ୍ରାମୀଣ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗ୍ରାମୀଣ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ପ୍ରକାରର ନୃତ୍ୟ ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ ଏବଂ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ପାୱାର ଷ୍ଟେସନ୍ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଆୟୋଜନ କରି ଆସୁଅଛି। ଚଳିତବର୍ଷ ଏହି ଲୋକପ୍ରିୟ ସିଏସ୍ଆର କାର୍ଯ୍ୟକ୍ରମରେ ୬୮ ଜଣ ଶିକ୍ଷକଙ୍କ ଦ୍ୱାରା ପରିଚାଳିତ ୩୪ଟି ବିଦ୍ୟାଳୟର ୪୯୭ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହା ହେଉଛି କ୍ରମାନ୍ୱୟରେ ଏକାଦଶ ବର୍ଷ ଯାହାକି ଏନଟିପିସି ତାଳଚେର କଣିହାଁ ସାଂସ୍କୃତିକ ସମାବେଶର ଆୟୋଜନ କରିଥିଲେ। ମୁଖ୍ୟ ଅତିଥି ଭାବେ ଏନଟିପିସି ତାଳଚେର କଣିହାଁର ହେଡ୍ ଅଫ୍ ପ୍ରୋଜେକ୍ଟ ଏ.କେ.ସେହଗଲ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଯଥା- ଜିଏମ୍ (ଓଆଣ୍ଡଏମ୍) ସତ୍ୟରାମା କ୍ରୀଷ୍ଣା, ଜିଏମ୍ (ମେଣ୍ଟେନାନ୍ସ) ଏ.ଜେ. ରାଜକୁମାର, ଜିଏମ୍ (ଏଫଏମ୍) ପ୍ରକାଶ କୁମାର, ଏଚଆର ମୁଖ୍ୟ ବ୍ରିଜ କିଶୋର ପାଣ୍ଡେ ଏବଂ ୟୁନିଅନ୍ସ /ଆସୋସିଏସନର ପ୍ରତିନିଧୀମାନେ ଉପସ୍ଥିତ ଥିଲେ। ସିନିୟର ବର୍ଗରେ କଳାପାଟରୁ ମା' ଭୈରବୀ ବିଦ୍ୟାମନ୍ଦିର, ବିଜିଗୋଳ, ମଧ୍ୟମ ବର୍ଗରେ ସରକାରୀ ଉ.ପ୍ରା. ବିଦ୍ୟାଳୟ, ଶିବରାମପୁର ଏବଂ ଜୁନିଅର ବର୍ଗରେ, ସରକାରୀ ପ୍ରାଥମିକ ବିଦ୍ୟାଳୟ, ହାଟିଙ୍ଗ୍ କ୍ଷେତ୍ରକୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ଦଳ ଭାବେ ଘୋଷଣା କରାଯାଇଥିଲା। ଏସ୍.ଏମ. ଅନୀତା ସିଂ ଦେଓ, (ନୃତ୍ୟାଚାର୍ଯ୍ୟା) ଏବଂ ବୈରାଗୀ ଚରଣ ମଲ୍ଲିକ(ବ୍ୟଙ୍ଗ ବାରୁଦ), ଅନୁଗୋଳ ଏହି ସାଂସ୍କୃତିକ ପ୍ରତିଯୋଗିତାର ବିଚାରକ ଭାବେ ଉପସ୍ଥିତ ଥିଲେ।

## ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ରେଙ୍ଗାଳି, ୯ ।୨(ସମିସ):** କଣିହାଁ ବ୍ଲକ କୁଲୁମା ଜଗମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୨୯ ତାରିଖରୁ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଆଜି ଉଦଯାପିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଦିଗମ୍ବର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୁଲୁମା ୟୁନିୟନ ବ୍ୟାଙ୍କର ଶାଖା ପରିଚାଳକ ଅଗଷ୍ଟିନ ଡୁଙ୍ଗଡୁଙ୍ଗ ଯୋଗ ଦେଇଥିଲେ। କଲେଜର ଅଧ୍ୟକ୍ଷ ଦିଗମ୍ବର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ୟାଙ୍କର ଏରିଆ ମ୍ୟାନେଜର ଦୀପକ କୁମାର ଦାସ ଯୋଗ ଦେଇଥିଲେ। ୮ ଦିନଧରି ଚାଲିଥିବା ପ୍ରଶିକ୍ଷଣ ଶିବିରକୁ କଲେଜର ଡେମୋନଷ୍ଟ୍ରେଟର ବିଷ୍ଣୁଚରଣ ନାୟକ ସଂଯୋଜନା ଏବଂ ପି. ଚିନ୍ମୟୀ ପ୍ରଶିକ୍ଷକ ହିସାବରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉତ୍ସବରେ ୧୧୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କଲେଜର ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




## ବ୍ୟବସାୟୀଙ୍କ ପରଲୋକ



**ଆଠମଲ୍ଲିକ, ୯ ।୨(ସମିସ):** ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ଉପଖଣ୍ଡର ଲକ୍ଷ୍ମୀ ନାରାୟଣ ବଜାର ନିବାସୀ ସନ୍ତୋଷ କୁମାର ଅଗ୍ରୱାଲ(୭୩)ଙ୍କ ପରଲୋକ ହୋଇଯାଇଛି। ଶ୍ରୀ ଅଗ୍ରୱାଲ କିଛିଦିନ ପୂର୍ବରୁ ଅସୁସ୍ଥ ଥିଲେ ଏବଂ କଟକର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେ ପ୍ରାଣ ହରାଇଛନ୍ତି। ଆଠମଲ୍ଲିକର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ଆଠମଲ୍ଲିକର ଲକ୍ଷ୍ମୀ ନାରାୟଣ ବଜାରର ସମସ୍ତ ଦୋକାନ ବନ୍ଦ ରହିଥିଲା।

### ବିଭିନ୍ନ ଦାବି ନେଇ ୨୪ ଦିନରେ ଗଣଧାରଣା

# କେନ୍ଦ୍ରକୁ ଜାଗ୍ରତ ଲାଗି ଘଣ୍ଟବାଦ୍ୟ ଶୋଭାଯାତ୍ରା

ଅନୁଗୋଳ, ୯ ।୨(ସମିସ)



ଅନୁଗୋଳରେ ମେଡିକାଲ କଲେଜ ପ୍ରତିଷ୍ଠା ଓ ୫୫ ନମ୍ବର ଜାତୀୟ ରାଜପଥ ସମସ୍ୟାର ସମାଧାନ ତଥା ଅତିଶୀଘ୍ର ବାଇପାସ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଦାବିରେ କୃଷି ଭବନ ସମ୍ମୁଖରେ ଚାଲିଥିବା ଅନୁଗୋଳ ସଚେତନ ନାଗରିକଙ୍କ ଗଣଧାରଣା ଶୁକ୍ରବାର ୨୪ ଦିନରେ ପହଞ୍ଚିଛି। ତଥାପି କେନ୍ଦ୍ର ସରକାର ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବା କାରଣରୁ ସଚେତନ ନାଗରିକ ଏହାକୁ ଦୃଢ଼ ନିନ୍ଦା କରିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଅନୁଗୋଳ ସଚେତନ ନାଗରିକମାନେ ଅଭିନବ ପ୍ରତିବାଦ ଆପଣେଇଛନ୍ତି। କେନ୍ଦ୍ର ସରକାର, ଲୋକପ୍ରତିନିଧି ଓ ପ୍ରଶାସନକୁ ଜାଗ୍ରତ କରିବା ପାଇଁ ଘଣ୍ଟବାଦ୍ୟ ଶୋଭାଯାତ୍ରା କରିଛନ୍ତି। ଏହି ଶୋଭାଯାତ୍ରା ଧାରଣା ସ୍ଥଳରୁ ବାହାରି ସହର ପରିକ୍ରମା କରି ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲା। ଘଣ୍ଟ, ଝାଞ୍ଜ ସହିତ ବିଭିନ୍ନ ପ୍ରକାର ବାଦ୍ୟ ବଜାଇ, ପ୍ଲା-କାର୍ଡ ଧରି ଗଣଧାରଣାରେ ସାମିଲ ହେବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ। ଅନୁଗୋଳରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ସ୍ଥିର ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ତାହାକୁ ପୁଣି ପ୍ରତ୍ୟାହୃତ କରିବା ତାହା ଅନୁଗୋଳବାସୀଙ୍କୁ ଧୋକାଦେବା ଭଳି ହୋଇଛି। ଯାହା ଫଳରେ ଜନସାଧାରଣ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବା ସାଙ୍ଗକୁ ଛାତ୍ରଛାତ୍ରୀମାନେ ମେଡିକାଲ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ୬ ଗୋଟି ସୀମାନ୍ତ ଅଞ୍ଚଳର ଲୋକ ସ୍ୱାସ୍ଥ୍ୟସେବା ନିମନ୍ତେ ନିର୍ଭର କରନ୍ତି। ଏଣୁ ଶିଳ୍ପ ଜିଲ୍ଲା କାରଣରୁ ଦୁର୍ଘଟଣାମାନ ଘଟି ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏଣୁ ଏଠି ମେଡିକାଲ କଲେଜ ଗୁରୁତ୍ୱ ବହନ କରୁଛି। ସେହିପରି ଅନୁଗୋଳ ବଁଅରପାଳଠାରୁ ରନ୍ତଲେଇ ପର୍ଯ୍ୟନ୍ତ ଅନୁଗୋଳ ସହର ଦେଇ ଯାଇଥିବା ମୁଖ୍ୟ ରାସ୍ତା ଖାଲଖମାରେ ଅତି ଦୟନୀୟ ଅବସ୍ଥାରେ ରହିଛି। ଯାହାର ମରାମତି କାର୍ଯ୍ୟ ବିଳମ୍ବ ହେଉଛି କିମ୍ବା ଆଦୌ ହେଉନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ। ରାଜପଥ ଖରାପ ଯୋଗୁଁ ଦୈନନ୍ଦିନ ଦୁର୍ଘଟଣା ଘଟି ସାଧାରଣ ଲୋକ ମୃତାହତ ହେଉଛନ୍ତି। ୨୪ଦିନରେ ଗଣଧାରଣା ପହଞ୍ଚିବା ପରେ ମଧ୍ୟ କେନ୍ଦ୍ର ସରକାର, ଜାତୀୟ ରାଜପଥ ବିଭାଗ କର୍ଣ୍ଣପାତ କରୁ ନ ଥିବାରୁ ସେମାନଙ୍କ ନିଦ୍ରା ଭଙ୍ଗ ପାଇଁ ଆଜି ଏ ପ୍ରକାର ଶୋଭାଯାତ୍ରା କରିଛନ୍ତି ଅନୁଗୋଳର ସଚେତନ ନାଗରିକମାନେ। ସଚେତନ ନାଗରିକଙ୍କ କହିବ କଥା କି, ଯେତେଦିନ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ, କେନ୍ଦ୍ରମନ୍ତ୍ରୀ ତାଙ୍କ ଦୁଇଟି ଦାବିକୁ ପୂରଣ ନ କରିଛନ୍ତି, ସେତେଦିନ ପର୍ଯ୍ୟନ୍ତ ଆନ୍ଦୋଳନକାରୀମାନେ ଭିନ୍ନ ଭିନ୍ନ ଢଙ୍ଗରେ ଆନ୍ଦୋଳନ ଜାରି ରଖିବେ। ଦରକାର ପଡିଲେ ଅର୍ଥନୈତିକ ଅବରୋଧ କରିବେ ବୋଲି ମଧ୍ୟ ଅନୁଗୋଳ ସଚେତନ ନାଗରିକଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

## ତମାଖୁ ନିୟନ୍ତ୍ରଣ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ

# କୋଟ୍‌ପା ଆଇନ କଡ଼ାକଡ଼ି ପାଇଁ ଆହ୍ୱାନ

କେନ୍ଦ୍ରାପଡା, ୯।୨(ସମିସ)

କେନ୍ଦ୍ରାପଡା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଶୁକ୍ରବାର ୧୧ଘଟିକା ସମୟରେ ପୁରୁଣା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ତମାଖୁ ନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ ଆଇନ ପ୍ରବର୍ତନ ନିମନ୍ତେ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅନୀତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜଳନ୍ଧର ଜାଲି, ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଅଞ୍ଜଳୀ ତରାଇ, ଡାକ୍ତର ମୀର୍ଜା ବାବର ବେଗ୍, ଡାକ୍ତର ନୃପେନ୍ଦ୍ର କୁମାର ଶତପଥି, ଡାକ୍ତର ନିରଞ୍ଜନ କର, ଡାକ୍ତର ଅଶୋକ କୁମାର ସାହୁ, ବିଭିନ୍ନ ଥାନାର ନିରୀକ୍ଷକ, ସବ୍ ଇନିସ୍‌ପେକ୍ଟର, ଅବକାରୀ ନିରୀକ୍ଷକ, ବିଭିନ୍ନ ସ୍କୁଲ୍ କଲେଜ୍‌ର ପ୍ରଧାନଶିକ୍ଷକ,ଅଧ୍ୟକ୍ଷ, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶୋକ ବଳିଆରସିଂହ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଶ୍ରୀମତୀ ତରାଇ ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ସୂଚନାଯୋଗ୍ୟ, ତମାଖୁ ସେବନ ଯୋଗୁ ଦେଖା ଯାଉଥିବା କର୍କଟ ରୋଗର ଭୟାବହତାକୁ ଲକ୍ଷ୍ୟ କରି ଜାତୀୟ ତଥା ରାଜ୍ୟ ସ୍ତରରେ ତମାଖୁ ସେବନକୁ ପ୍ରତିହତ କରିବା ପାଇଁ ୨୦୦୩ ମସିହା ମେ ୧୮ ତାରିଖରେ ପ୍ରଣୟନ ହୋଇଥିଲା କୋଟପା ଆଇନ। ଏହି ଆଇନର ପ୍ରବର୍ତନ ନିମନ୍ତେ ଅଧ୍ୟକ୍ଷ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। "ଚୁଜ୍ ଲାଇଫ୍, ନଟ୍ ଟବାକୋ" ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ନିମନ୍ତ୍ରିତ ଅତିଥିମାନେ ମତ ରଖିଥିଲେ। ସର୍ବେକ୍ଷଣରୁ ଜଣାଯାଇଛି ଯେ, ଭାରତରେ ବର୍ଷକ ମଧ୍ୟରେ ୯ଲକ୍ଷ ଲୋକ ତମାଖୁ ଜନିତ କର୍କଟରୋଗରେ ମୃତ୍ୟୁବରଣ କରୁଥିବା ବେଳେ ଓଡିଶାରେ ଏହାର ସଂଖ୍ୟା ରହିଛି ୩୨ ହଜାର। ଓଡିଶାରେ ପ୍ରତିଦିନ ପାଖାପାଖି ୮୦ ଲୋକ କର୍କଟରୋଗରେ ମୃତ୍ୟୁବରଣ କରୁଥିବା ବେଳେ ଦେଶରେ ମୁଖଗହ୍ୱର କର୍କଟରୋଗରେ ଓଡିଶାର ସ୍ଥାନ ହେଉଛି ଦ୍ୱିତୀୟ। ତେଣୁ ତମାଖୁ ସେବନକାରୀଙ୍କୁ ଏହାର ଭୟାବହତା ସମ୍ପର୍କରେ ସଚେତନ କରାଇବା ସହ ନୂଆ ପିଢୀଙ୍କୁ ତମାଖୁ ସେବନ ପ୍ରତି ନିରୁତ୍ସାହିତ କରିବାର ଆବଶ୍ୟକତା ରହିଛି ବୋଲି ଡାକ୍ତର ବେଗ୍ ତାଙ୍କ ଅଭିଭାଷଣରେ କହିଥିଲେ। ସମସ୍ତ ବିଜ୍ଞାପନକାରୀ ସଂସ୍ଥା "ତମାଖୁ ସେବନ ।ତିକାରକ" ଭଳି ସଚେତନତାମୂଳକ ସୂଚନା ବିନା ବିଜ୍ଞାପନ ପ୍ରସ୍ତୁତ କରିପାରିବେ ନାହିଁ। ଏହି ନିୟମକୁ କଡାକଡିଭାବେ ପାଳନ କରିବାକୁ ପୁଲିସ ଓ ଅବକାରୀ ଅଧିକାରୀମାନେ ପଦକ୍ଷେପ ନେବାକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଜାଲି ଆହ୍ୱାନ ଦେଇଥିଲେ। ନିଜ ନିଜର ଗ୍ରାମ ପଞ୍ଚାୟତକୁ ତମାଖୁ ମୁକ୍ତ କରିବା ପାଇଁ ଚଳିତବର୍ଷ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ୨୧୦ ଜଣ ସରପଞ୍ଚଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଶେଷରେ ସମସ୍ତଙ୍କୁ ଶ୍ୟାମ ସୁନ୍ଦର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।




## ସେକ୍ଟର ଅଫିସର ଏବଂ ସେକ୍ଟର ପୁଲିସ୍ ଅଫିସରଙ୍କ ପ୍ରଶିକ୍ଷଣ



**କେନ୍ଦ୍ରାପଡା, ୯।୨(ସମିସ):** କେନ୍ଦ୍ରାପଡା ଜିଲ୍ଲାରେ ୨୦୨୪ ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ପକ୍ଷରୁ ସେକ୍ଟର ଅଫିସର ଓ ସେକ୍ଟର ପୁଲିସ୍ ଅଫିସର୍‌ମାନଙ୍କ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର ପ୍ରଦୀପ ପ୍ରଜ୍ୱଳନ କରି ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିଥିଲେ। ନିର୍ବାଚନ କମିସନ୍‌ଙ୍କ ନିର୍ଦ୍ଦେଶ ଅନୁଯାୟୀ ନିର୍ବାଚନ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ଭଲ୍‌ନରେବିଲିଟି ମ୍ୟାପିଙ୍ଗ୍ ବା ବିପଦସଙ୍କୁଳ ବୁଥ୍ ଚିହ୍ନଟିକରଣ ଉପରେ ପିପିଟି ଯୋଗେ ସମସ୍ତଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସେକ୍ଟର ଅଫିସର ଓ ସେକ୍ଟର ପୁଲିସ୍ ଅଫିସର୍‌ମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ ଆଲୋଚନା କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଉପ-ଜିଲ୍ଲାପାଳ ଅଶୋକ କୁମାର ଦାସ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର (ନିର୍ବାଚନ) ରମେଶ ଚନ୍ଦ୍ର ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ସେକ୍ଟର ଅଫିସର ଓ ସେକ୍ଟର ପୁଲିସ୍ ଅଫିସର୍ ଯୋଗ ଦେଇଥିଲେ।

● ବିକାଶମୂଳକ କାର୍ଯ୍ୟର ବିକଶିତ ବାର୍ତ୍ତା

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର



**ଗରଦପୁର, ୯।୨(ସମିସ):** ରାଜ୍ୟ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟର ବିକଶିତ ବାର୍ତ୍ତା ଭିଡ଼ିଓ ମାଧ୍ୟମରେ ଆଜି ପାଖଡ ପଞ୍ଚାୟତର ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିଛି। ବହୁ ବିକାଶପୂର୍ଣ୍ଣ ପ୍ରକଳ୍ପ ଏବଂ ଗ୍ରାମାଞ୍ଚଳର ଅନେକ ଜନହିତକାରୀ କାର୍ଯ୍ୟକୁ ନେଇ ଏହି ପଞ୍ଚାୟତସ୍ତରୀୟ କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ଦ୍ୱାରା ପାଖଡ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷଙ୍କ ଯୋଗୁଁ ପାଖଡ ପଞ୍ଚାୟତରେ ଆଜି ବିକାଶ ହୋଇପାରିଛି। ଭତ୍ତାଠାରୁ ଆରମ୍ଭ କରି ଆବାସ ଯୋଜନା ପର୍ଯ୍ୟନ୍ତ ଲୋକଙ୍କୁ ହାତ ପାହନ୍ତାରେ ମିଳିପାରିଛି ବୋଲି କାର୍ଯ୍ୟକ୍ରମ ଜରିଆରେ କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗରଦପୁର ବିଡ଼ିଓ ପ୍ରଦ୍ୟୁମ୍ନ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ପଞ୍ଚାୟତର ସରପଞ୍ଚ ବନଲତା ସ୍ୱାଇଁ ଏବଂ ତାଙ୍କ ପ୍ରତିନିଧି ପ୍ରତାପ ଚନ୍ଦ୍ର ସ୍ୱାଇଁ ସମ୍ପାଦନା କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗରଦପୁର ବ୍ଲକ ଅଧ୍ୟକ୍ଷ ଯୋଗଦେଇ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ସହିତ ଗରଦପୁର ବ୍ଲକରେ ହୋଇଥିବା ଏହା ସହିତ ବେଡ଼ାରୀ ପଞ୍ଚାୟତର ସମିତି ସଭ୍ୟ ଦିଲ୍ଲୀପ କୁମାର ସାହୁ, ବଙ୍ଗାଳପୁର ପଞ୍ଚାୟତ ସରପଞ୍ଚ ଅମୀୟ କୁମାର ଜେନା, ପଦ୍ମପୁର ସରପଞ୍ଚ ଅନୁସୟା ବେହେରା, ବେଡାରୀ ସରପଞ୍ଚଙ୍କ ପ୍ରତିନିଧି ଗଙ୍ଗାଧର ମିଶ୍ର , ପାଟକୁରା ସରପଞ୍ଚଙ୍କ ପ୍ରତିନିଧି ଶୈଳେନ୍ଦ୍ର ମହାନ୍ତି, ଉର୍ମିଳା ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆକର୍ଷଣ କରିବା ପାଇଁ କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିବାବେଳେ ପଞ୍ଚାୟତର ଶତାଧିକ ଲୋକ ଭିଡ ଜମାଇଥିଲେ।

## ବିଦ୍ୟାଳୟସ୍ତରୀୟ ସମ୍ବର୍ଦ୍ଧନା ସଭା

**ଡେରାବିଶ, ୯।୨(ସମିସ):** ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବଳଭଦ୍ରପୁର ସ୍ଥିତ ବାଲୁଙ୍କେଶ୍ୱର ବିଦ୍ୟାପୀଠରେ ଆଜି ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାନନବାଳା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଅଧିକାରୀ ଶ୍ରୀକାନ୍ତ କୁମାର ବେହେରା, ମୁଖ୍ୟବକ୍ତା ଭାବେ ବାଲୁଙ୍କେଶ୍ୱର ନୋଡାଲ ଉଚ୍ଚବିଦ୍ୟାପୀଠର ପରିଚାଳନା କମିଟିର ସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ସମ୍ମାନିତ ଅତିଥିଭାବେ ପରିଚାଳନା କମିଟିର ସଦସ୍ୟ ରହେମତୁଲ୍ଲା ଯୋଗ ଦେଇ '୫-ଟି' ଯୋଜନାରେ ରୁପାନ୍ତରିକରଣ ଏହି ବିଦ୍ୟାଳୟର ଶୈକ୍ଷିକ ପରିବେଶର ଉନ୍ନତି ସହ ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ କରୁଥିବାରୁ ଉଭୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଡେରାବିଶ ବ୍ଲକ ଶିକ୍ଷାଧିକାରୀ ଶ୍ରୀ ବେହେରା ଓ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ସୀମାରାଣୀ ନାୟକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଶିକ୍ଷକ ସଂଜୟ କୁମାର ପୃଷ୍ଟି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ବେବିନା ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।



## ସ୍ଥାୟୀ ଦରମା ଓ ନିଯୁକ୍ତି ଦାବିରେ ଜଳସାଥୀଙ୍କ ଦାବିପତ୍ର

**କେନ୍ଦ୍ରାପଡ଼ା, ୯।୨(ସମିସ):** କେନ୍ଦ୍ରାପଡ଼ା ପୌରପାଳିକା ଅଧିନ୍‌ରୁ ୨୧ ୱାର୍ଡରେ ଜଳକର ଆଦାୟ କରୁଥିବା ଜଳସାଥି ସଙ୍ଘ ଦ୍ୱାରା ଚାକିରୀରେ ସ୍ଥାୟୀ ଦରମା ଓ ନିଯୁକ୍ତି ନିମନ୍ତେ ଓଡିଶା ସରକାରଙ୍କ ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକାଙ୍କ ଉଦେଶ୍ୟରେ ପୌରପାଳିକା ଅଧ୍ୟକ୍ଷା ସରିତା ସାହୁଙ୍କୁ ଏକ ଲିଖିତ ଦାବିପତ୍ର ଦେଇଛନ୍ତି। ଏହି ଜଳସାଥିମାନେ ୨୦୨୨ ମସିହାଠାରୁ କେନ୍ଦ୍ରାପଡ଼ା ପିଏଚଇଓ ବିଭାଗରେ ସହରର ଜଳ ଯୋଗାଣ ନିମନ୍ତେ ପାଇପ ଲାଇନ ପକାଇବା ଓ ଜଳର ସଠିକ ମାନ ନିର୍ଧାରଣ କରିବା, ସ୍ୱଚ୍ଛ ପାଣି ପାଇଁ ରାସ୍ତାରେ ପାଇପ ଲାଇନ ଫାଟିଲେ ତାର ସୁଚିନ୍ତିତ ପଦକ୍ଷେପ ମାଧ୍ୟମରେ ପାଇପ ଲାଇନର ମରାମତି କରିବା, ଜଳକର ଆଦାୟ ସହ ସମସ୍ତ କାର୍ଯ୍ୟକୁ ସୁଚାରରୂପେ କରିଆସୁଛନ୍ତି ଓ କିନ୍ତୁ ଦୁଃଖର ବିଷୟ ଜଳସାଥିମାନଙ୍କୁ ଏତେଗୁଡାଏ କାମ କଲା ସତେ ସେମାନଙ୍କ ପାରିଶ୍ରମିକ ମାତ୍ର ୫ ପ୍ରତିଶତ ଦିଆଯାଇଛି। ଯାହା ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ ବୋଲି ସେମାନେ ଅଭିଯୋଗ କରିଛନ୍ତି । ଉକ୍ତ ବିଷୟରେ ଶୁକ୍ରବାର କେନ୍ଦ୍ରାପଡ଼ା ଜଳସାଥି ସଙ୍ଘ ଦ୍ୱାରା ଓଡିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶିକାଙ୍କ ଉଦେଶ୍ୟରେ କେନ୍ଦ୍ରାପଡ଼ା ପୌରପାଳିକାଙ୍କୁ ଏକ ଲିଖିତ ଦାବିପତ୍ର ଦେଇଛନ୍ତି । ଏଥିରେ ସୁଯୋଗ ସଂସ୍ଥାର ଜିଲ୍ଲା ସଂଯୋଜକ ସୁଧୀର କୁମାର ଦାସ, ଜଳସାଥି ତୁଳସୀ ସ୍ୱାଇଁ, ଗୀତାଞ୍ଜଳି ପ୍ରଧାନ, ରୁକ୍ମଣୀ ମହାରଣା, ରଞ୍ଜିତା ସାହୁ, ଲିପ୍ସା ସ୍ୱାଇଁ, ନାର୍ଯ ନକ୍ଷ୍ମା ପ୍ରମୁଖ ଜଳସାଥି ଉପସ୍ଥିତ ଥିଲେ ।



## ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ କ୍ରୀଡ଼ା ପ୍ରତିଯୋଗିତା




**କେନ୍ଦ୍ରାପଡା, ୯।୨(ସମିସ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜଜାଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ରୀଡା ପ୍ରତିଯୋଗିତା ଓ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗର କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ପଣ୍ଡା ସଭା ପରିଚାଳନା କରିଥିଲେ। କେନ୍ଦ୍ରାପଡା ଅତିରିକ୍ତ ଶିକ୍ଷା ମଣ୍ଡଳ ଅଧିକାରୀ ହିରଣ୍ୟ କୁମାର ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ପାଠପଢି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ରାପଡା ଜିଲ୍ଲା ଓଷ୍ଟାର ସମ୍ପାଦକ ଅଶୋକ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ କପାଳେଶ୍ୱର ଗ୍ରାମ ପଞ୍ଚାୟତର ସରପଞ୍ଚ କଳ୍ପନା ମହାନ୍ତି, କେନ୍ଦ୍ରାପଡା ବ୍ଲକର ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର, ରବିନ୍ଦ୍ର କୁମାର ବାରିକ, ଶିକ୍ଷକ ନୃସିଂହ ଚରଣ ଭଦ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସିଆର୍‌ସିସି ସ୍ନେହଲତା ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା କ୍ରୀଡା ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଖେଳ ଶିକ୍ଷକ ଶେଖ୍ ରିଜୁଆନ୍ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରମଦା ବିଶ୍ୱାଳ, ସଂଯୁକ୍ତା ପ୍ରଧାନ, ମାନସୀ ସିଂହ, ଅଭିଜିତ୍ ଥାଟୋଇ, ବଳରାମ ବେହେରା, ପୁଷ୍ପମିତ୍ର ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଲକ୍ଷ୍ମୀଧର ସାର୍‌ଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା



**ରାଜନଗର, ୯।୨(ସମିସ):** ରାଜନଗରସ୍ଥିତ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବାଶ୍ରମ ପରିସରରେ ଆଦର୍ଶ ଶିକ୍ଷକ, ରାଜନୀତିଜ୍ଞ ସ୍ୱର୍ଗତ ଲକ୍ଷ୍ମୀଧର ଲେଙ୍କାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମୃତିଚାରଣ ସଭା ରାଜନଗର ପୂଜ୍ୟ ପୂଜା ଓ ସ୍ମୃତିଚାରଣ କମିଟି ତରଫରୁ ଅନୁଷ୍ଠିତ ହୋଇଯାଇଛି। ସେବକ ଅଭୟ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ସଂଘର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପଣ୍ଡିତ ଶଙ୍କର୍ଷଣ ମିଶ୍ର ଗୀତାପାଠ ସହିତ ଲକ୍ଷ୍ମୀଧର ସାର୍‌ଙ୍କ ଫଠୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ପଣ୍ଡିତ ଅଭିରାମ ସାହୁ, ପ୍ରାକ୍ତନ ଶିକ୍ଷକ ବରି ନାରାୟଣ ଲେଙ୍କା, ଅଧ୍ୟାପକ ରତ୍ନାକର ନାୟକ, ଶିକ୍ଷକ ଅକ୍ଷୟ କୁମାର ନାୟକ, ଡାକ କର୍ମଚାରୀ ବଳରାମ ମିଶ୍ର, ଗୋଲୋକ ବିହାରୀ ରାଉତ, କିଶୋର ଚନ୍ଦ୍ର ଦାସ, ଚନ୍ଦ୍ରଭାନୁ ସାମଲ, ଅଶୋକ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଲକ୍ଷ୍ମୀଧର ସାର୍‌ଙ୍କ ଗୁଣଗାନ କରିଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର



**ପଞ୍ଚୁପାଣ୍ଡବ, ୯।୨(ସମିସ):** ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତରେ ନବୀନ ଓଡ଼ିଶା ଆମ ଓଡ଼ିଶା ଏବଂ ଅନ୍ୟାନ୍ୟ ଜନହିତକର ଯୋଜନା ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଇତିଶ୍ରୀ ନାୟକଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲିକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମାଜସେବୀ ବିପିନ ବିହାରୀ ସାହୁ ପରିଚୟ ପ୍ରଦାନ କରିଥିବା ବେଳେ ମାନସ ରଞ୍ଜନ ମଲିକ ମଞ୍ଚ ପରିଚାଳନା କରିଥିଲେ। ପିଇଓ ନିମାଇଁ ଚରଣ ପରିଡ଼ା ଓ ଜିଆରଏସ୍ ଲକ୍ଷ୍ମୀପ୍ରିୟା ଦାସ ସରକାରଙ୍କ ଦ୍ୱାରା ପ୍ରଣୟନ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳମାଧବ ନାୟକ, ବିଭୁ ପ୍ରସାଦ ନାୟକ, କ୍ଷୀରୋଦ କୁମାର ସାହୁ ଓ ସମସ୍ତ ୱାଡର୍ ସଭ୍ୟସଭ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଚାକିରି ଦେଉଛି କଳା ତାଲିକାଭୁକ୍ତ ନିଯୁକ୍ତି ସଂସ୍ଥା

### ଠିକରେ ଦରମା ମିଳୁନଥିବା ଅଭିଯୋଗ

**କେନ୍ଦ୍ରାପଡା, ୯।୨(ସମିସ):** ଠିକା ନିଯୁକ୍ତି ସଂସ୍ଥାମାନଙ୍କ ଅନିୟମିତତା ଦିନକୁ ଦିନ ବଢିଚାଲିଛି। ନିଯୁକ୍ତି ସଂସ୍ଥାଗୁଡ଼ିକ ମୋଟା ଅଙ୍କର ଅର୍ଥ ନେଇ ଚାକିରୀ ଦେଇଛନ୍ତି। ହେଲେ ଚାକିରୀ ପରେ କର୍ମଚାରୀମାନେ ଏବେ ହଇରାଣର ଶିକାର ହେଉଥିବା ଦେଖିବାକୁ ମିଳିଛି। ଏବେ କେନ୍ଦ୍ରାପଡା ଜିଲ୍ଲାରେ ଏହି ସଂସ୍ଥାଗୁଡ଼ିକ କଳା ତାଲିକାଭୁକ୍ତ ହୋଇଛନ୍ତି। ହେଲେ ସେମାନଙ୍କ ରାଜ ଏପର୍ଯ୍ୟନ୍ତ କମୁନି। କଳା ତାଲିକା ଭୁକ୍ତ ହୋଇଥିବା ମାନବସମ୍ବଳ ଯୋଗାଣକାରୀ ସଂସ୍ଥା କେନ୍ଦ୍ରାପଡା ଜିଲ୍ଲାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ବହୁତ ଗୁଡିଏ ସରକାରୀ ସଂସ୍ଥାରେ ଚୁକ୍ତିକରି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ସେହିସବୁ ସଂସ୍ଥା ଗୁଡିକ ବିଭିନ୍ନ ସରକାରୀ ସଂସ୍ଥାକୁ ସିକ୍ୟୁରିଟି ଗାର୍ଡ, କମ୍ପ୍ୟୁଟର ପ୍ରୋଗ୍ରାମର, ଅତିରିକ୍ତ କମ୍ପ୍ୟୁଟର ପ୍ରୋଗ୍ରାମର, ମନରେଗା ସହକାରୀ, ଟେକନିକାଲ ଏକ୍ସପର୍ଟ, ସାମାଜିକ ସମୀକ୍ଷା ସହକାରୀ, ଅଭିଯୋଗ ସମାଧାନ ସହକାରୀ ଭଳି ପଦ ନିମନ୍ତେ ପିଲା ଯୋଗାଇଥିବା ଅଭିଯୋଗ ହୋଇଛି। ଏହାବ୍ୟତିତ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ସରକାରୀ ସଂସ୍ଥା ଗୁଡିକରେ ଏହି ସଂସ୍ଥା ଗୁଡିକ ପକ୍ଷରୁ ଆଉଟ ସୋର୍ସିଂ ଜରିଆରେ ନିଯୁକ୍ତି ପାଇଥିବା ପିଲାମାନଙ୍କର ଇ.ଏସ.ଆଇ. ଓ ଇ.ପି.ଏଫ. ବାବଦ ଅର୍ଥ ଜମା କରୁନଥିବା ବେଳେ ସେମାନଙ୍କୁ ଚୁକ୍ତି ଅନୁଯାୟୀ ପାରିଶ୍ରମିକ ପ୍ରଦାନ କରୁନଥିବା ମଧ୍ୟ ଅଭିଯୋଗ ହୋଇଛି। ଏଥିସହିତ ସେହି ସଂସ୍ଥା ଗୁଡିକ ଜିଏସଟି ଫାଙ୍କୁଥିବା ମଧ୍ୟ ଅଭିଯୋଗ ହେଉଛି। ଏକ ସରକାରୀ ସଂସ୍ଥା ଦ୍ୱାରା ଥରେ କଳା ତାଲିକା ଭୁକ୍ତ ହେବା ପରେ ଏବଂ ଉପରୋକ୍ତ ବେଆଇନ କାର୍ଯ୍ୟ କରୁଥିଲେ ମଧ୍ୟ କିଭଳି ସେହିସବୁ ସଂସ୍ଥା ଗୁଡିକୁ କେନ୍ଦ୍ରାପଡାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଗୁଡିକ ଚୁକ୍ତି କରୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପ୍ରତି ନୂତନ ଜିଲ୍ଲାପାଳ ଦୃଷ୍ଟିଦେବା ସହିତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ନଳିନୀ ମହାନ୍ତି ସ୍ମୃତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ବରୀକୁ ହରାଇ ସେମିରେ କେନ୍ଦ୍ରାପଡ଼ା

ରାଜନଗର, ୯।୨(ସମିସ)

ଓଡିଶାର ପୂର୍ବତନ ମନ୍ତ୍ରୀ ନଳିନୀକାନ୍ତ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ୯ମ ରାଜ୍ୟସ୍ତରୀୟ ନଳିନୀକାନ୍ତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରାଜନଗର ବ୍ଲକ ଫିରିକିଦାଣ୍ଡିସ୍ଥିତ ଖେଳ ପଡିଆରେ ଉଦ୍‌ଘାଟିତ ହୋଇଯାଇଛି। ଆଜି ପ୍ରଥମ କ୍ୱାର୍ଟର ଫାଇନାଲ ଡାଇନାମିକ କ୍ରିକେଟ କ୍ଲବ ବରୀ ସହିତ ବାଲାବାବା କ୍ରିକେଟ କ୍ଲବ କେନ୍ଦ୍ରାପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ବରୀ କ୍ରିକେଟ ଟିମ୍ ସମସ୍ତ ଉଇକେଟ ହରାଇ ୭୧ ରନ କରିଥିଲା। ୭୨ ରନର ବିଜୟ ଲକ୍ଷ ନେଇ ପଡିଆକୁ ଓହ୍ଲାଇଥିବା ବାଲାବାବା କ୍ରିକେଟ ଟିମ୍ କେନ୍ଦ୍ରାପଡାର ଅଧିନାୟକ ସୁଧାଂଶୁ ପତିଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ବଳରେ ଦଳ ୬ ଉଇକେଟରେ ବିଜୟଲାଭ କରିଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜନଗର ଥାନା ଆଇଆଇସି ଅଜୟ କୁମାର ଜେନା, ସମ୍ମାନୀତ ଅତିଥି ଭାବେ କଣସରା ବିଦ୍ୟାଶ୍ରମର ପ୍ରଧାନଶିକ୍ଷୟିତ୍ରୀ ଆଲୋକ ମଞ୍ଜରୀ ରାଉତ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ବନପାଳ ବିଜୟ କୁମାର ପାତ୍ର, ଯୁବନେତା ମନ୍ମଥ ମଲ୍ଲିକ ପ୍ରମୁଖ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ କରିଥିଲେ। ୧୧ ରନ ଦେଇ ୬ ଉଇକେଟ ନେଇଥିବା ଲକ୍ଷ୍ମୀଧର ପ୍ରଧାନଙ୍କୁ ମଦନପୁର ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ପୁଷ୍ପକ ବେହେରା ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ନଳିନୀ ମହାନ୍ତି ସ୍ମୃତି କମିଟିର ସଭାପତି ଗାଳ୍ପିକ ପ୍ରଦୀପ ନାୟକ, ମ୍ୟାନେଜର ସଚ୍ଚିଦାନନ୍ଦ ପାତ୍ର, ଭାଷ୍ୟକାର ଅସିତ ତ୍ରିପାଠୀ, ରାଜକିଶୋର ସାହୁ, ସୁଧିର ବେହେରା, ଅମ୍ପାୟାର ନିରଂଜନ ଦାସ, ଅଂଜନ ବେହୁରା, ତନୁଜ ସାହୁ ପ୍ରମୁଖ ପରିଚାଳନା କରିଥିଲେ।



# ଟ୍ରକ୍ ଚକାତଳେ ଚାପିହୋଇ ଯୁବକ ମୃତ

ବାଲିକୁଦା, ୯।୨(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ବାଲିକୁଦା ମୁଖ୍ୟ ବଜାର ନିକଟରେ ଆଜି ମାଧ୍ୟାହ୍ନରେ ଏକ ଟ୍ରକ ଚକା ତଳେ ଚାପି ହୋଇ ଜଣେ ଯୁବକର ମୃତ୍ୟୁ ଘଟିଛି। ମୃତକ ବାଲିକୁଦା ଥାନା ମୁଲୁଗାଁ ପଞ୍ଚାୟତ ସାହାଡ଼ା ଗ୍ରାମର ବନମାଳି ଭୋଇଙ୍କ ପୁତ୍ର ତ୍ରିନାଥ ଭୋଇ (୩୪)। କୌଣସି କାର୍ଯ୍ୟରେ ତ୍ରିନାଥ ବାଲିକୁଦା ବଜାରକୁ ଆସୁଥିବା ବେଳେ ତିତିରା ଗ୍ରାମରେ ଯାତ୍ରା କରିବାକୁ ଯାଉଥିବା ଆକାଶ ଗଙ୍ଗା ଯାତ୍ରା ପାର୍ଟିର ଏକ ଟ୍ରକ ଚକାତଳେ ପଡ଼ିଯାଇଥିଲେ। ବାଲିକୁଦା ପୁଲିସ ଲୋକଙ୍କ ସହାୟତାରେ ଉଦ୍ଧାର କରି ବାଲିକୁଦା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସା ଚାଲୁଥିବାବେଳେ ମୃତ୍ୟୁ ଘଟିଥିଲା। ଟ୍ରକ ଚାଳକ ପ୍ରମୋଦ ଦାସକୁ ଗିରଫ କରିବା ସହ ବାଇକ୍ ଜବତ କରିଛି ପୁଲିସ। ବାଲିକୁଦା ବଜାରରେ ଉଠା ଦୋକାନୀଙ୍କ ପ୍ରାଦୁର୍ଭାବ ଯୋଗୁ ରାସ୍ତା ସବୁବେଳେ ଜନ ଗହଳି ରହୁଛି। ଫଳରେ ଦୁର୍ଘଟଣା ଘଟି ଜନଜୀବନ ହାନୀ ଘଟୁଛି।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର



ତିର୍ତ୍ତୋଲ, ୯।୨(ସମିସ): ତିର୍ତ୍ତୋଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ରାଜ୍ୟସରକାରଙ୍କ 'ଆମ ଓଡ଼ିଶା ନବୀନ ଓଡ଼ିଶା' ତରଫରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ସ୍ଥାନୀୟ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାଧର ବିଶ୍ୱାଳ, ସୁନିଲ ବେହେରା, ବିଡିଓ ତପନ କୁମାର ସେନାପତି, ସମିତିସଭ୍ୟ ପ୍ରବୀର ରାୟ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ବିନୟ ମହାପାତ୍ର, ଜିପିଓ ବିଶ୍ୱଜିତ ମହାପାତ୍ର, ପିଇଓ ସଚିନ ରାଉତ, ବିମଳ ମହାପାତ୍ର, ନରେଶ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏହି ଅବସରରେ ପାଲା ମାଧ୍ୟମରେ ରାଜ୍ୟସରକାର ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ତିର୍ତ୍ତୋଲ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ କ୍ୟାପଟେନ ଜ୍ଞାନଜ କୁମାର ସାମନ୍ତରାୟ, ଅଧ୍ୟାପକ ଅଜିତ କୁମାର ସ୍ୱାଇଁ, ସମାଜସେବୀ ଯୋଗେଶ ଚନ୍ଦ୍ର ଦାଶ, ଶିକ୍ଷାବିତ ମନମୋହନ କାନୁନଗୋ, ବିରଞ୍ଚି ନାରାୟଣ ମହାପାତ୍ର, ସୁଶ୍ରୀ ବିଜୟା ମହାନ୍ତି, ଅନିଲ ମହାପାତ୍ରଙ୍କ ସମେତ ପଞ୍ଚାୟତର ପ୍ରତିଭାଧର ବ୍ୟକ୍ତି ବିଶେଷ ଓ କୃତିଛାତ୍ରଛାତ୍ରୀ, ଅଙ୍ଗନବାଡି ଓ ଆଶାକର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଓ ରାଜ୍ୟସରକାରଙ୍କ ବିଭିନ୍ନ ବିଭାଗର ଜନହିତକର ଯୋଜନାର ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ବେଶ ଚିତ୍ତାକର୍ଷକ ହୋଇଥିଲା।

# ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ବିରିଡି, ୯।୨(ସମିସ): ବିରିଡି ବ୍ଲକ ହାଜିପୁରସ୍ଥିତ ଧ୍ୟାନଚନ୍ଦ୍ର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ୮ ଦିନିଆ ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ଉଦ୍‌ଯାପନ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ଦେବକଲ୍ୟାଣ ପଣ୍ଡା ଅଧ୍ୟକ୍ଷତା କରିବା ସହ ତାଲିମ ନେଉଥିବା ଛାତ୍ରୀମାନେ ଏହି ସୁରକ୍ଷା କୌଶଳକୁ ଅଭ୍ୟାସ ରଖି ନିର୍ଭୀକ ଭାବରେ ସର୍ବଦା କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ବକ୍ତାଭାବେ ଅଧ୍ୟାପକ ପ୍ରମୋଦ କୁମାର ମିଶ୍ର, ଅଜିତ୍ କୁମାର ଲେଙ୍କା, ପୀତାମ୍ବର ପତି, ଭାସ୍କର ଚନ୍ଦ୍ର ସାହୁ ଏହାର ଉପକାରିତା ଉପରେ ବୁଝାଇଥିଲେ। ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପକ ମହମ୍ମଦ ଅର୍ସଦ ରାଜା କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିବା ବେଳେ ସୁପ୍ରଭା ଜେନା, ସରୋଜିନୀ ବରାଳ, ତୃପ୍ତିମୟୀ ଦାଶ, ରାଜେଶ ସେଠୀ, କେଦାର ଚରଣ ଜେନା, ସୁଦର୍ଶନ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏହି ୮ ଦିନିଆ ଶିବିରକୁ ମାଷ୍ଟର ଟ୍ରେନର ଭାବେ ସୁନିତା ସ୍ୱାଇଁ ପ୍ରତିଦିନ ଛାତ୍ରୀମାନଙ୍କୁ ବିଭିନ୍ନ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶେଷରେ ତାଲିମ ପ୍ରାପ୍ତ ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ।

## ଅଲ ଓଡ଼ିଶା ଫିସ ପ୍ରଡ୍ୟୁସର ଫେଡେରେସନ ଓ ଟ୍ରାଡିସିନାଲ ଫିସ ୱାର୍କର୍ସ ୟୁନିୟନ ବୈଠକ

# ସରକାରଙ୍କୁ ୫ଦଫା ସମ୍ବଳିତ ଦାବିପତ୍ର ଦେବାକୁ ନିଷ୍ପତ୍ତି

ପାରାଦୀପ, ୯।୨(ସମିସ): ଅଲ୍ ଓଡ଼ିଶା ଫିସ ପ୍ରଡ୍ୟୁସର ଫେଡେରେସନ ଓ ଟ୍ରାଡିସିନାଲ ଫିସ ୱାର୍କରସ ୟୁନିୟନ ପକ୍ଷରୁ ଆଜି ପାରାଦୀପ ଅଠାରବାଙ୍କୀ ସ୍ଥିତ ଓମ୍ଫା କାର୍ଯ୍ୟାଳୟ ଠାରେ ଏକ ଜଏଣ୍ଟ କୋ-ଅଡିନେସନ ମିଟିଙ୍ଗ ଅନୁଷ୍ଠିତ ହୋଇଯାଇଛି। ଅଲ୍ ଓଡ଼ିଶା ଫେଡରେସନର ସଭାପତି କାମେଶ୍ୱର ନାରାୟଣ ପ୍ରହରାଜ, ଉପସଭାପତି

**■ ଦାବି ପୂରଣ ନହେଲେ ୧୨ ଲକ୍ଷ ମତ୍ସ୍ୟଜୀବୀ ପରିବାର ଆନ୍ଦୋଳନକୁ ଓହ୍ଲାଇବେ**

ନରେନ୍ଦ୍ର ବିହାରୀ ଦାସ, ସାଧାରଣ ସମ୍ପାଦକ ଶ୍ରୀକାନ୍ତ ପରିଡ଼ା, ଜଏଣ୍ଟ ସେକ୍ରେଟାରୀ ଅରବିନ୍ଦ ସ୍ୱାଇଁ, ଆସିଷ୍ଟାଣ୍ଟ ସେକ୍ରେଟାରୀ (ଧାମରା ସଘଂ) ଅଶୋକ ଜେନା, କୋଷାଧ୍ୟକ୍ଷ ଚନ୍ଦ୍ର ଶେଖର ମହାନ୍ତି, ଉପଦେଷ୍ଟା ସୁମନ୍ତ ବିଶ୍ୱାଳ, ଓଡ଼ିଶା ପାରମ୍ପରିକ ମତ୍ସ୍ୟଜୀବୀ ସଂଘର ସଭାପତି ପ୍ରସନ୍ନ ବେହେରା, ସମ୍ପାଦକ କୋଣ୍ଡା ଅଲିଆ ବାବୁ, ବାଲେଶ୍ୱର ସଂଘର ସମ୍ପାଦକ ତ୍ରିଲୋଚନ ବସ୍ତିଆ, ବାହାବଲ ପୁର ସଂଘର ସଭାପତି ବିକାଶ ଦାସ ଓ ଓଡ଼ିଶା




ବିଭିନ୍ନ ବେସ ର କର୍ମକର୍ତ୍ତା ଓ ପ୍ରତିନିଧିମାନେ ଯୋଗ ଦେଇ ସେମାନଙ୍କର ୫ ଦଫା ଦାବିକୁ ନେଇ ରାଜ୍ୟ ସରକାରଙ୍କ ନିକଟକୁ ଯିବେ। ଯଦି ରାଜ୍ୟ ସରକାର ଏହି ଦାବି ଗୁଡିକୁ ମାନିନେବାରେ ଟାଳଟୁଳ ନୀତି ଅବଲମ୍ବନ କରନ୍ତି ତେବେ ମତ୍ସ୍ୟ ସମ୍ପଦ ଉପରେ ନିର୍ଭର କରୁଥିବା ଓଡ଼ିଶାର ୧୨ ଲକ୍ଷ ମତ୍ସ୍ୟଜୀବୀ ପରିବାର ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ନିଷ୍ପତ୍ତି ହୋଇଥିଲା।

୫ ଦଫା ଦାବି ଗୁଡିକ ମଧ୍ୟରେ ମତ୍ସ୍ୟ ବ୍ୟବସାୟୀଙ୍କୁ ସେମାନେ ବ୍ୟବହାର କରୁଥିବା ଡିଜେଲର ସବ୍‌ସିଡି ପ୍ରଦାନ କରିବା, ରାଜ୍ୟର ସମସ୍ତ ମୁହାଣ ମୁହଁକୁ ଡ୍ରେଜିଙ୍ଗ କରିବା, ସୀମା ଜଗିବା ଦାୟିତ୍ୱରେ ଥିବା ଫରେଷ୍ଟ ବିଭାଗର ମନମୁଖୀକୁ ବିରୋଧ କରିବା, ଶିଳ୍ପ ସଂସ୍ଥା ଓ କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ସମୁଦ୍ରକୁ ଛାଡିବା ଦ୍ୱାରା ସମୁଦ୍ର ଜଳ ଦୂଷିତ ହେବାରୁ ମତ୍ସ୍ୟ ବଂଶ ଲୋପ ପାଇଯାଉଛି, ଏଥିରୁ ନିବୃତ ରଖିବା, ମତ୍ସ୍ୟଜୀବୀଙ୍କ ପାଇଁ ଏକ କଲ୍ୟାଣ ପାଣ୍ଠିର ବ୍ୟବସ୍ଥା କରିବା ପ୍ରମୁଖ ଦାବି ରହିଛି। ଓଡ଼ିଶା ସୀମାରେ ରହିଥିବା ୪୮୦ କିଲୋମିଟର ମଧ୍ୟରେ ଯେତେ ଫିସେରି ହାର୍ବର ଅଛି ବା ପାରମ୍ପରିକ ମତ୍ସଜୀବୀମାନେ ଅଛନ୍ତି ସବୁ ହାରବରର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ମତ୍ସ୍ୟଜୀବୀମାନେ ଆଜି ଯେଉଁ ଦୁର୍ଦ୍ଦିନରେ ଗତି କରୁଛନ୍ତି ତାର ସ୍ଥାୟୀ ସମାଧାନ କରାଯାଉ ନ ହେଲେ ଆଗକୁ ଏହି ମତ୍ସ୍ୟସମ୍ପଦ ବୁଡିଯିବ ବୋଲି ମତ ଦେଇଥିଲେ। ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ନିକଟରେ ଏହି ଦାବି ଉପସ୍ଥାପନ କରାଯିବା ନେଇ ମହାସଂଘ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଥିଲା।

## ମେଡିକାଲ କଲେଜ ଦାବି

# ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନ ପକ୍ଷରୁ ବାଇକ୍ ଶୋଭାଯାତ୍ରା

ଜଗତସିଂହପୁର, ୯।୨(ସମିସ): ଜଗତସିଂହପୁରଠାରେ ମେଡିକାଲ କଲେଜ ଖୋଲିବା ଓ ପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ର କଟକକୁ ସ୍ଥାନାନ୍ତର ନକରିବା ଦାବିରେ ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନ ପକ୍ଷରୁ ଏକ ବାଇକ ଶୋଭଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଡଭୋକେଟ ବାସୁଦେବଙ୍କ ନେତୃତ୍ୱରେ ଶତାଧିକ ଆନ୍ଦୋଳନକାରୀ ଜାତୀୟ ପତାକାଧରି ବାଇକ ରାଲି ମଧ୍ୟମରେ ମେଡିକାଲ କଲେଜ ପାଇଁ ଦାବି କରିବା ସହିତ ଜନସାଧାରଣଙ୍କୁ ସଚେତନ କରିଥିଲେ।



ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ସିପି ଛକରୁ ବାହାରି ଡିଅସାହି ବଜାର, ସିଦ୍ଧଳ, ନିଂପୁର, ସାଂପୁର, ଶ୍ୟାମା ଦୋକାନଛକ, ଗଣତନ୍ତ୍ରଛକ, ନୂଆପୋଲ, କେନ୍ଦୋଳ, ମଣ୍ଡାସାହି, ଆଳିପିଙ୍ଗଳ, ଯଶୋବନ୍ତପୁର ଓ ଜଗତସିଂହପୁର ସହରଦେଇ ମାଛଗାଁ ରାସ୍ତାରେ ପୁଣି ସିପି ଛକକୁ ଫେରି ଆସିଥିଲା। ୧୪୦ରୁ ଅଧିକ ଆନ୍ଦୋଳନକାରୀ ପ୍ରାୟ ୬୦/୬୫ କିଲୋମିଟର ବାଇକରେ ବୁଲି ଆନ୍ଦୋଳନକୁ ଜୋରଦାର କରିଥିଲେ। ମେଡିକାଲ କଲେଜର ଅବଶ୍ୟକତା ସମ୍ପର୍କରେ ସେମାନେ ଜନସାଧାରଣଙ୍କୁ ସଚେତନ କରିବା ସହିତ ପ୍ରଶାସନ ନିକଟରେ ଏହି ଦାବିକୁ ଦୋହରାଇଥିଲେ। ଏଥିରେ ହେମନ୍ତ ରଥ, ଦିଲ୍ଲୀପ ରଥ, ଦେବେନ୍ଦ୍ର ବେହେରା, ଦେବେନ୍ଦ୍ର ସାହୁ, ଦେବୀ ପ୍ରସାଦ ସାହାଣି, ବିଧାନ ସାହାଣି, ସମୀର ନାୟକ, ଦେବୀ ପ୍ରସାଦ ମହାରଣା, ରଶ୍ମି ରଞ୍ଜନ ସ୍ୱାଇଁ, ଶରତ ମହାପାତ୍ର, ଅଶୋକ ସ୍ୱାଇଁ ଓ ସାରଦା ରାୟ ପ୍ରମୁଖ ଯୋଗ ଦେଇଥିଲେ।

# ପୂର୍ବତନ କାଉନସିଲରଙ୍କୁ ମରଣାନ୍ତକ ଆକ୍ରମଣ

ପାରାଦୀପ, ୯।୨(ସମିସ): ଗତକାଲି ବିଳମ୍ବିତ ରାତିରେ ଷଣ୍ଢକୁଦ ନୋଳିଆସହି ୱାର୍ଡ ନମ୍ବର ୧୭ର ପୂର୍ବତନ କାଉନସିଲର କାମ୍ବଳା ରାମବାବୁ (୪୧)ଙ୍କୁ ଆକ୍ରମଣ ହୋଇଛି। ୨ଜଣ ଅଜଣା ଦୁର୍ବୃତ୍ତ ତାଙ୍କ ଘର ନିକଟକୁ ଆସି ପହଞ୍ଚିଥିଲେ। ଜଣେ ମାରଣାସ୍ତ୍ରରେ ଆକ୍ରମଣ କରୁଥିବା ବେଳେ ଅନ୍ୟଜଣେ ଗେଟ ନିକଟରେ ଜଗି ରହିଥିଲେ। ଏହାପରେ ଉଭୟ ଚମ୍ପଟ ମାରିଥିଲେ।ଅଶ୍ଳୀଳ ଭାଷାରେ ଗାଳି କରିବା ସହ ଆକ୍ରମଣ କରିବା ନେଇ ସେ ଜଟାଧାରୀ ମୁହାଣ ମେରାଇନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଚଳାଇଛି। କିଏ ଓ କାହିଁକି ଏପରି ଆକ୍ରମଣ କଲା ତାହା ସ୍ପଷ୍ଟ ହୋଇପାରିନାହିଁ।

# ବାଳିକା ଆତ୍ମରକ୍ଷା କୌଶଳ କାର୍ଯ୍ୟକ୍ରମ ଉଦ୍‌ଯାପିତ

ନାଉଗାଁ, ୯।୨(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଦେବୀଦୋଳସ୍ଥିତ ମା'କୁତାମଚଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରସନ୍ନ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ରବୀନ୍ଦ୍ର କୁମାର ପାଢ଼ୀ, ମୁଖ୍ୟ ବକ୍ତାଭାବେ ବସନ୍ତ କୁମାର ପାଢ଼ୀ ପ୍ରମୁଖ ଯୋଗଦାନ କରି ନାରୀମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଅତ୍ୟାଚାରରୁ ନାରୀମାନେ କିପରି ଭାବରେ ନିଜକୁ ରକ୍ଷା କରିପାରିବେ ସେସମ୍ବନ୍ଧରେ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ସୁଜାତା ରାଉତରାୟ ଛାତ୍ରୀମାନଙ୍କୁ ଜୀବନରେ ଆତ୍ମରକ୍ଷା କୌଶଳର ଆବଶ୍ୟକତା ସମ୍ବନ୍ଧରେ କହିଥିବା ବେଳେ ଅଧ୍ୟାପକ ସୁଶାନ୍ତ କୁମାର ସ୍ୱାଇଁ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ୮ ଦିନ ବ୍ୟାପି ଏହି କାର୍ଯ୍ୟକ୍ରମରେ ଛାତ୍ରୀ ମାନଙ୍କୁ ସୁନିତା ସ୍ୱାଇଁ ଅତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଜାଗୃତୀ ମହାନ୍ତି, ଦମୟନ୍ତୀ ସାହୁ, ସରସ୍ୱତୀ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ମଉଳାଭଣାଜା ମନ୍ଦିର ପ୍ରାଙ୍ଗଣରେ ହରିହରଙ୍କ ଭେଟ



ନାଉଗାଁ, ୯।୨(ସମିସ): ପବିତ୍ର ତ୍ରିବେଣୀ ଅମାବାସ୍ୟା ଅବସରରେ ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାସ୍ଥିତ ଶ୍ରୀ ଶ୍ରୀ ମଉଳାଭଣାଜା ମନ୍ଦିର ପ୍ରାଙ୍ଗଣରେ ଶତାଧିକ ବର୍ଷରୁ ପ୍ରଚଳିତ ହରିହର ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୋରୁଅ ଗ୍ରାମର ଇଶ୍ୱର ପାର୍ବତୀ, ଡେରିକି ଗ୍ରାମର Oରାଧାକୃଷ୍ଣ, ଉର ଗ୍ରାମର ଲକ୍ଷ୍ମୀନାରାୟଣ ଓ ମଝିପଡ଼ା ଗ୍ରାମର ରାଧାକୃଷ୍ଣଙ୍କ ଚଳନ୍ତି ବିଗ୍ରହକୁ ସୁସଜ୍ଜିତ ବିମାନରେ ଶଙ୍ଖ, ଘଣ୍ଟ, ବାଜା, ବାଣ, ରୋଷଣୀ ମାଧ୍ୟମରେ ଏକ ବିରାଟ ଶୋଭାଯାତ୍ରାରେ ଅଣାଯାଇ ମଉଳାଭଣାଜା ମନ୍ଦିର ପ୍ରାଙ୍ଗଣରେ ହରି ଓ ହରଙ୍କୁ ଏକତ୍ର ଭେଟ କରାଯାଇଥିଲା। ଓ ପରେ ରୀତିନିତୀ ଅନୁଯାୟୀ ବିଗ୍ରହ ମାନଙ୍କ ପୂଜାଅର୍ଚ୍ଚନା କରାଯାଇଥିଲା। ଯାହାକୁ ଦେଖିବା ପାଇଁ ପାଖଆଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ମାନଙ୍କ ଭିଡ ଜମିବା ସହିତ ଏଠାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମଉଳାଭଣାଜା ମନ୍ଦିର କମିଟିର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। (ଫଟୋ)

# ହିମାଂଶୁଙ୍କ ମାତୃ ଆଶୀର୍ବାଦ ଯାତ୍ରା

ରଘୁନାଥପୁର, ୯।୨(ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ସାଦେଇପୁର ପଞ୍ଚାୟତରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର କଂଗ୍ରେସ୍ ନେତା ହିମାଂଶୁ ମଲ୍ଲିକ୍ ମାତୃ ଆଶୀର୍ବାଦ ଯାତ୍ରା ସାଦେଇପୁର ମହାପାତ୍ର ସାହିରୁ ଆରମ୍ଭ ହୋଇ ରାଉତ ନୂଆଗାଁ ବଟଠାରେ ଶେଷ ହୋଇଥିଲା। ଶ୍ରୀ ମଲ୍ଲିକ୍ ଘରକୁ ଘର ବୁଲି ଜନତାଙ୍କର ସମର୍ଥନ ଭିକ୍ଷା କରିବା ସହ ବିଧାୟକ ପ୍ରାର୍ଥୀ ହେବାପରେ ସାଧାରଣ ଜନତାଙ୍କ ସ୍ୱାର୍ଥପାଇଁ କ'ଣ କ'ଣ ସବୁ କରିଛନ୍ତି ଓ ଆଗାମୀ ନିର୍ବାଚନରେ ଯଦି ବିଧାୟକ ହେବେ ତେବେ ସେ କ'ଣ କ'ଣ କରିବେ ଉଲ୍ଲେଖି ଥିବା ପ୍ରଚାରପତ୍ର ପ୍ରତ୍ୟେକ ପରିବାରକୁ ଯାଇ ବାଣ୍ଟିଥିଲେ। କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ଦାସ, ଉପସଭାପତି ଆର୍ତ୍ତତ୍ରାଣ ପଣ୍ଡା, ମନମୋହନ ଗୋଚ୍ଛାୟତ, ଜିଲ୍ଲା କଂଗ୍ରେସ ଉପସଭାପତି ସର୍ବେଶ୍ୱର ପଣ୍ଡା, ଚନ୍ଦନ ମଲ୍ଲିକ୍, ବାବୁନା ନାୟକ, ସଞ୍ଜୟ ଭୋଇଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ୍ କର୍ମୀ ଯୋଗଦେଇଥିଲେ।

# ବରିଷ୍ଠ ବ୍ୟବସାୟୀଙ୍କ ବିୟୋଗରେ ଶୋକ

ନାଉଗାଁ, ୯।୨(ସମିସ): ନାଉଗାଁ ବ୍ଲକସ୍ଥିତ ନାଉଗାଁହାଟ ବଜାରର ବରିଷ୍ଠ ବ୍ୟବସାୟୀ ବଂଶୀଧର ସାହୁଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ସାହୁ ଜଣେ ମୃଦୁଭାଷୀ ପରୋପକାରୀ ବ୍ୟକ୍ତି ହୋଇଥିବା ବେଳେ ଗତ ଦୁଇମାସ ପୂର୍ବେ ରାତି ୧୦ଟା ସମୟରେ ସେ ତାଙ୍କ ଦୋକାନ ବନ୍ଦ କରି ଘରକୁ ଯାଉଥିବା ବେଳେ ଏକ ଅଜଣା ଚାରିଚକିଆ ଯାନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଶ୍ରୀ ସାହୁଙ୍କୁ କଟକସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଉଥିବା ବେଳେ ଆଜି ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବାପରେ



ସ୍ଥାନୀୟ ନାଉଗାଁ ବଜାରରେ ଏକ ଶୋକର ଛାୟା ଖେଳିଯାଇଥିବା ବେଳେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ନାଉଗାଁ ବଜାର କମିଟିର ବ୍ୟବସାୟୀ ସଂଘ ପକ୍ଷରୁ ନାଉଗାଁ ବଜାରସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ଶୋକପ୍ରକାଶ କରାଯାଇଥିଲା।

## ସଫେଇ ଆଳରେ ସୁନାଗହଣା ଲୁଟ୍

# ରାଜ୍ୟ ବାହାରର ୨ ଲୁଟେରା ଗିରଫ

ରଘୁନାଥପୁର, ୯।୨(ସମିସ): ରଘୁନାଥପୁର ଥାନା ଅଞ୍ଚଳରେ ସୁନା ଗହଣା ସଫା କରିବା ଆଳରେ ଲୁଟ୍ କରୁଥିବା ୨ଜଣିଆ ରାଜ୍ୟ ବାହାରର ଗ୍ୟାଙ୍ଗକୁ ଗିରଫ କରିଛି ରଘୁନାଥପୁର ପୁଲିସ। ଦୁଇ ଯୁବକ ହେଲେ ବିହାର ରାଜ୍ୟର ମିଥିଲେସ୍ କୁମାର ଶାହା ଏବଂ ଗୁଲଚାନ ଶାହା। ଗିରଫ ପରେ ପୁଲିସ୍ ସେମାନଙ୍କୁ କୋର୍ଟ ଚାଲାଣ କରିଛି। ଏମାନେ ଅଞ୍ଚଳରେ ଏକାଧିକ ଚୋରିରେ ସମ୍ପୃକ୍ତ ଥିବାରୁ ପୁଲିସ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରିବାକୁ ଯୋଜନା କରୁଛି।

ପୁଲିସ୍ ସୂତ୍ରରୁ ପ୍ରକାଶ, ରଘୁନାଥପୁର ଥାନା ଅନ୍ତର୍ଗତ ଏରଣ୍ଡପାଳ ଗ୍ରାମର କ୍ଷେତ୍ରମୋହନ ସ୍ୱାଇଁଙ୍କ ପତ୍ନୀ ରଶ୍ମିରେଖା ଜେନାଙ୍କ ଘରକୁ ଗତ ଜାନୁଆରୀ ୨୩ ମଧ୍ୟାହ୍ନ ୧୨ଟାରେ ୨ ଜଣ ଯୁବକ ଆସି ବାସନ କୁସନ ଓ ସୁନାଗହଣା ସଫା କରିବାକୁ କହିଥିଲେ। ରଶ୍ମିରେଖା ଏକ ସୁନା ଚେନ ସଫା କରିବାକୁ ଦେବାବେଳେ ଯୁବକ ଜଣଙ୍କ ଗରମ ପାଣି ଆଣିବାକୁ କହିଥିଲେ। ରଶ୍ମିରେଖା ଗରମପାଣି ଆଣିବାକୁ ଗଲାବେଳକୁ କେହି ନଥିବାର ସୁଯୋଗ ନେଇ ଯୁବକ ଦ୍ୱୟ ସୁନାଚେନ୍ ନେଇ ଚମ୍ପଟ ମାରିଥିଲେ।

**■ ରିମାଣ୍ଡରେ ଆଣି ଅଧିକ ଖୋଳତାଡ କରିବ ପୁଲିସ**

ଘଟଣା ସମ୍ପର୍କରେ ରଘୁନାଥପୁର ଥାନାରେ ରଶ୍ମିରେଖା ଅଭିଯୋଗ କଲାପରେ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ।

କଟକ-ପାରାଦୀପ ରାସ୍ତାର ଗୋକୁଳପୁର ନିକଟରେ ଦୁଇଜଣ ଯୁବକ ବାସନ କୁସନ ଓ ସୁନାଗହଣା ସଫାକରିବାପାଇଁ ଯାଉଥିବା ସମୟରେ ଖବର ପାଇ ରଘୁନାଥପୁର ପୁଲିସ୍ ଚଢଉ କରି ୨ ଯୁବକଙ୍କୁ ଗିରଫ କରିଥିଲା। ଜେରାବେଳେ ଏରଡଙ୍ଗା ଗ୍ରାମରୁ ସୁନାଗହଣା ଲୁଟି ସେହି ଗହଣାକୁ ବିକ୍ରି କରିଦେଇଥିବା ପୁଲିସ୍ ଆଗରେ ପ୍ରକାଶ କରିଥିଲେ। ଜଗତ୍‌ସିଂହପୁର ଥାନା ଜୟବଡ଼ ଗ୍ରାମରୁ ଅଭିନୟ ଉପାୟରେ ସୁନା ଲୁଟିଥିବା ପୁଲିସ୍ ଆଗରେ ପ୍ରକାଶ କରିଛନ୍ତି। ଏହି ଦୁଇ ଯୁବକ ଜଗତ୍‌ସିଂହପୁର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଅଭିନବ ଉପାୟରେ ସୁନାଗହଣା ଲୁଟିଥିବାରୁ ପୁଲିସ୍ ରିମାଣ୍ଡରେ ଆଣି ଖୁଲାସ କରିବାର ଆବଶ୍ୟକ ରହିଛି ବୋଲି ସାଧାରଣରେ ଦାବି ହୋଇଛି। ଅଭିଯୁକ୍ତ ଦୁଇ ବିହାରି ଯୁବକଙ୍କୁ ଆଜି ଗ୍ରାମ୍ୟ ନ୍ୟାୟାଳୟରେ ହାଜର କରିଥିଲା। ପୁଲିସ। ଜାମିନ ନାମଞ୍ଜୁର ହେବାରୁ ଆଳିପିଙ୍ଗଳ ଜେଲକୁ ପଠାଇ ଦିଆଯାଇଛି।

# ବିପୁଳ ପରିମାଣରେ ଚୋରାମଦ ଜବତ

ଏରସମା, ୯।୨(ସମିସ): ଏରସମାରେ ଦିନ କୁ ଦିନ ଚୋରାମଦ କାରବାର ବୃଦ୍ଧି ପାଉଛି। ଏରସମା ପୁଲିସ ପେଟ୍ରୋଲିଂ କରୁଥିବାବେଳେ ଏରସମାରୁ ରାହାମା ଅଭିମୁଖେ ଏକ ବାଇକ୍‌ରେ ପ୍ରଚୁର ପରିମାଣରେ ମଦ ଚାଲାଣ ହେଉଥିଲା। ଏରସମା ପୁଲିସ ଖବର ପାଇ ଯୁବକକୁ ଧରିବା ସହ ମଦ ଜବତ କରିଛି।

# ନୂତନ ତହସିଲଦାରଙ୍କ ଯୋଗଦାନ

ଏରସମା, ୯।୨(ସମିସ): ଜଗତସିଂହପୁର ଜିଲ୍ଲା ଏରସମା ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଭାବେ ଶ୍ରୀ ଦେବୀ ପ୍ରସାଦ ଆଚାର୍ଯ୍ୟ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ସେ ପୂର୍ବରୁ ଆଳି ତହସିଲଦାର ଭାବରେ କାର୍ଯ୍ୟ କରୁଥିବା ବେଳେ ଏରସମା ତହସିଲଦାର ଭାବେ ଯୋଗଦାନ କରିଛନ୍ତି। ପୂର୍ବରୁ ତହସିଲଦାର ସନ୍ଧ୍ୟାଞ୍ଜଳି ମାଝୀ ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହେଇଛି ସୂଚନା ମିଳିଛି।



# ୧୧ରେ 'ବାଲିଘର'ର ବାର୍ଷିକୋତ୍ସବ

ତିର୍ତ୍ତୋଲ, ୯।୨(ସମିସ): ଶିଶୁ କିଶୋର ସାହିତ୍ୟ ପତ୍ରିକା 'ବାଲିଘର' ତଥା ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ଓ ବାଲିଘର ଫାଉଣ୍ଡେସନର ୩୪ ତମ ବାର୍ଷିକୋତ୍ସବ, ସାରସ୍ୱତ ମହାମିଳନ ଓ ସମ୍ବର୍ଦ୍ଧନା ସଭା ପଣ୍ଡୁଆ ପଞ୍ଚାୟତ ମୁଣ୍ଡିଦାସ୍ଥିତ ବାଲିଘର ମୁଖ୍ୟ କାର୍ଯ୍ୟାଳୟରେ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବ। ସକାଳ ସମୟରେ ସ୍ୱରଚିତ କବିତା ପାଠୋତ୍ସବ ଓ 'ଭାଷା ଆମର ପରିଚୟ' ଆଲୋଚନାଚକ୍ର ଅନୁଷ୍ଠିତ ହେବ। ବାଲିଘରର ଉପଦେଷ୍ଟା ଉମାକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଅବସରପ୍ରାପ୍ତ ଏସ୍‌ପି ଶଶିଶେଖର ମହାପାତ୍ର, ଶିକ୍ଷାବିତ ନିତ୍ୟାନନ୍ଦ ଲେଙ୍କା, କବି ବିଜୟ କୁମାର ଖଟେଇ, ଆଇନଜୀବୀ ସୁଧୀର କୁମାର ଖୁଣ୍ଟିଆ, ଆଇନଜୀବୀ ବୀରନାରାୟଣ ପାତ୍ର, ସମାଜସେବୀ ନିର୍ଲିପ୍ତ କୁମାର ଜେନା, ଶିକ୍ଷାବିତ ନିମାଇଁ ଚରଣ ସ୍ୱାଇଁ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଦ୍ୱିତୀୟ ଅଧିବେଶନରେ ସାହିତ୍ୟକ ଅଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭା ଓ 'ଭାଷା ହିଁ ଭବିଷ୍ୟତ' ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ବରିଷ୍ଠ ଶିଶୁ ସାହିତ୍ୟକ ଡ.ମହେଶ୍ୱର ମହାନ୍ତି, ମୁଖ୍ୟବକ୍ତା ଆଇନଜୀବୀ ଦେବସ୍ମାନ ଦାସ, ଗାଳ୍ପିକ ସଦାନନ୍ଦ ତ୍ରିପାଠୀ, ଶିକ୍ଷାବିତ ବିଶ୍ୱନାଥ ମିଶ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇ, ଉତ୍କଳ ସାହିତ୍ୟ ସମାଜ ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, ସମାଜସେବୀ ବିପ୍ଳବ ଚୌଧୁରୀ, ଆଇନଜୀବୀ ଓମପ୍ରକାଶ ଦାସ ଯୋଗଦେବେ। ଏବର୍ଷ ବାଲିଘର ସାହିତ୍ୟ ସମ୍ମାନ ବିଶିଷ୍ଟ ସାହିତ୍ୟକଙ୍କୁ ପ୍ରଦାନ କରାଯିବ। ଏଥିସହିତ ପ୍ରତିଭାଧର ବ୍ୟକ୍ତି ବିଶେଷଙ୍କୁ ବାଲିଘରର ଅନ୍ୟାନ୍ୟ ସମ୍ମାନ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯିବ ବୋଲି ବାଲିଘର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ, ସଭାପତି ଅଜୟ କୁମାର ବେହେରା, ବାଲିଘର ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶକ ଡ.ସଂଗ୍ରାମ କେଶରୀ ସ୍ୱାଇଁ ସୂଚନା ଦେଇଛନ୍ତି।

# ଅଗ୍ନିକାଣ୍ଡ; ଜଳିଗଲେ ୫ ଛେଳି, ଗାଈ ଅର୍ଦ୍ଧଦଗ୍ଧ

ଓଲାଭର, ୯।୨(ସମିସ):




ରାଜକନିକା ବ୍ଲକ ଅନ୍ତର୍ଗତ ଓଲାଭର ପଞ୍ଚାୟତ ନରସିଂହପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ଦିନ ମଜୁରିଆ ଅଜିତ୍ କୁମାର ବାରିକଙ୍କ ଦୁଇ ବଖରା ଚାଳଘର ପୋଡି ପାଉଁଶ ହୋଇ ଯାଇଛି। ଫଳରେ ଘର ଭିତରେ ଥିବା ପାଞ୍ଚଟି ଛେଳି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିବା ବେଳେ ଗୋଟିଏ ଗାଈ ବି ଗୁରୁତର ହୋଇଛି।

ସୂଚନା ଅନୁସାରେ ଶୁକ୍ରବାର ଭୋର୍ ୩ଟାରେ ହଠାତ୍ ଘରେ ନିଆଁ ଲାଗିଯାଇଥିଲା। ଘର ଜଳୁଥିବାର ଅଜିତ୍ ଦେଖି ଗାଁ ଲୋକଙ୍କୁ ଡାକ ପକାଇଥିଲେ। ସମସ୍ତେ ମିଶି ନିଆଁ ଲିଭାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ରାଜକନିକା ଦମକଳବାହିନୀ ଖବର ପାଇ ପହଞ୍ଚିଲା ବେଳକୁ ଦୁଇ ବଖରା ଘର ପୋଡି ପାଉଁଶ ହୋଇଯାଇଥିଲା। ଘରକୁ ଲାଗି ଥିବା ଗୁହାଳ ଜଳି ଯିବାରୁ ପାଞ୍ଚଟି ଗର୍ଭିଣୀ ଛେଳି ପୋଡ଼ି ଯାଇଥିବାବେଳେ ଗୋଟିଏ ଗାଈ ବି ଅର୍ଦ୍ଧଦଗ୍ଧ ହୋଇଛି। ଗାଈଟିକୁ ଉଦ୍ଧାର କରିବାକୁ ଯାଇଥିବା ମାଲିକ ଅଜିତ୍‌ଙ୍କ ମୁଣ୍ଡରେ ବାଉଁଶ ପଡ଼ି ମୁଣ୍ଡ ଫାଟି ଯାଇଛି। ତେବେ ଅଜିତ୍ ଜଣେ ଦିନ ମଜୁରିଆ, ଛେଳି ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଆଉ ଦିନ କେଇଟାରେ ଛେଳି ସବୁ ଛୁଆ ଦେଇଥାଆନ୍ତେ। ତା ସହିତ ଘରେ ଥିବା

## ବାଉଁଶ ପଡ଼ି ମାଲିକଙ୍କ ମୁଣ୍ଡ ଫାଟିଲା

ଧାନଚାଉଳ, କାଗଜପତ୍ର ଓ ସମସ୍ତ ଆସବାବପତ୍ର ନିଆଁରେ ପୋଡ଼ି ପାଉଁଶ ହୋଇ ଯାଇଛି। ଖବର ପାଇ ଆଜି ବିଜେପି ପକ୍ଷରୁ କୁମାରାଣୀ ଦୁର୍ଗାଦେବୀଙ୍କ ସହିତ ପ୍ରାକ୍ତନ ବିଧାୟକ ଦୋଳଗୋବିନ୍ଦ ନାୟକ, କନିକା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ତଥା ବରିଷ୍ଠ ନେତା ବୈକୁଣ୍ଠ ନାଥ ପରିଡ଼ା, ୨୭ ନମ୍ବର ଜୋନ ସଭାପତି ଅନୁରାଧା ସାମଲ, ୨୯ ନମ୍ବର ଜୋନ ସଭାପତି ନିହାର ରଞ୍ଜନ ନାୟକ, ୨ ନମ୍ବର ଜୋନ ସଭାପତି ରାଜେନ୍ଦ୍ର ସାମଲ, ରଶ୍ମୀରଞ୍ଜନ ବେହୁରା, ଅଶ୍ୱିନୀ ଦାସ, ଦେବେନ୍ଦ୍ର ନାଥ ପଣ୍ଡା, ଭରତ ପାଣ୍ଡବ ପ୍ରମୁଖ ବିପନ୍ନଙ୍କୁ ଭେଟି ଆର୍ଥିକ ସହାୟତା, ରାସନ୍ ସାମଗ୍ରୀ ଯୋଗାଇଦେବା ସହିତ ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଥିଲେ। ଆଜି ସକାଳେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ପ୍ରକାଶ ମହାନ୍ତି ବିପନ୍ନଙ୍କୁ ପଲିଥିନ୍ ଯୋଗାଇ ଦେଇଛନ୍ତି।

● ଗରଦପୁର ତହସିଲ କର୍ମଚାରୀଙ୍କ ମନମାନି

# ଅବଧି ମଧ୍ୟରେ ମିଳୁନି ପ୍ରମାଣପତ୍ର; ଲୋକେ ହନ୍ତସନ୍ତ

**ଗରଦପୁର, ୯।୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ଗରଦପୁର ତହସିଲ କର୍ମଚାରୀଙ୍କ ମନମାନି ଯୋଗୁ ଅନେକ ସାଧାରଣ ଲୋକ ହଇରାଣ ହେଉଛନ୍ତି। ସୂଚନା ମୁତାବକ ଗରଦପୁର ତହସିଲ ଅଧୀନରେ ଥିବା ଜନସେବା କେନ୍ଦ୍ରଗୁଡିକ ହେଉ କିମ୍ବା ସାଧାରଣ ଲୋକଟିଏ ବାର୍ଷିକ ଆୟ ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଏବଂ ଜାତି ପ୍ରମାଣପତ୍ର, ଲିଗାଲ ହେୟାର ପାଇଁ ଅନଲାଇନ୍ ମାଧ୍ୟମରେ ଆବେଦନ କରି ସାର୍ଟିଫିକେଟ୍ ପାଇବା ପାଇଁ ପନ୍ଦର ଦିନରୁ ଅଧିକ ଦିନ ସମୟ ସୀମା ଅନଲାଇନ୍‌ରେ ଦେଖାଇଥିବା ବେଳେ ଏହାର ଶେଷ ତାରିଖ ଅତିକ୍ରମ ପରେ ମଧ୍ୟ ଲୋକମାନଙ୍କୁ ସାର୍ଟିଫିକେଟ୍ ମିଳିପାରୁନାହିଁ। ଫଳରେ ସଠିକ ସମୟରେ ପାଠ ପଢ଼ା ପାଇଁ ଛାତ୍ରଛାତ୍ରୀମାନେ ହଇରାଣ ହେଉଥିବା ବେଳେ, ଉକ୍ତ କାର୍ଯ୍ୟ ପାଇଁ ବୃଦ୍ଧ ଲୋକଟି ସରକାରୀ ଯୋଜନାରୁ ବଞ୍ଚିତ ହେଉଛି। ଅନ୍ୟପଟେ ବ୍ୟକ୍ତିଗତ ଭାବେ ଅନଲାଇନ୍‌ରେ ସାର୍ଟିଫିକେଟ ଆବେଦନ କରିଥିବା ଆବେଦନକାରୀ ତହସିଲ୍‌କୁ ବାରମ୍ବାର ଯାଇ ସାର୍ଟିଫିକେଟ କରିଦେବାକୁ କହୁଥିବା ବେଳେ ମଧ୍ୟ ଉକ୍ତ ବିଭାଗର କର୍ମଚାରୀ ବିଭିନ୍ନ ଆଳ ଦେଖାଇ ଡଙ୍ଗଲ ନାହିଁ, ନେଟ୍ ନାହିଁ, ଅନ୍ୟ କାମ ଅଛି ଏମିତି କହି ଦିନ ଗଡ଼ାଉଛନ୍ତି। ବାଧ୍ୟ ହୋଇ ସାଧାରଣ ଲୋକଟି ଅନ୍ୟ ମାଧ୍ୟମରେ ପଇସା ଦେଇ ସାର୍ଟିଫିକେଟ କରୁଥିବା ଅଭିଯୋଗ ହେଉଛି। ଗରଦପୁର ତହସିଲ କର୍ମଚାରୀଙ୍କ ଏଭଳି ମନମାନି ଯୋଗୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଅତିରିକ୍ତ ତହସିଲଦାର ଗଣମାଧ୍ୟମକୁ କହିଛନ୍ତି ଯେ, ସରକାରୀ ସମୟ ସୀମା ମଧ୍ୟରେ ଆମେ କାମ କରୁଛୁ।

# ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ

**ପଟ୍ଟାମୁଣ୍ଡାଇ, ୯।୨(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ସତସଙ୍ଗ କେନ୍ଦ୍ର ପକ୍ଷରୁ ତଳପଡ଼ିଆଠାରେ ସତସଙ୍ଗ କେନ୍ଦ୍ରର ୧୭ ତମ ବାର୍ଷିକ ଉତ୍ସବ ଓ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୬ ତମ ଜନ୍ମ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସହ ପ୍ରତିରୀତିକ ଡ଼ ନନ୍ଦଦୁଲାଳ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶ୍ରୀ ଶ୍ରୀ ଠାକୁରଙ୍କ ଭାବଧାରା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ତରଡିପାଳ ସରପଞ୍ଚ ଦେବବ୍ରତ ନାୟକ, ସମିତିସଭ୍ୟ ନିରଞ୍ଜନ ବାରିକ, ପୂର୍ବତନ ସମିତିସଭ୍ୟ ନମିତା ଦାସ, ସମାଜସେବୀ ଗଗନ ମହାଳିକ, ବିଭୁତିଭୂଷଣ ପଟ୍ଟନାୟକ, ନମିତା ଦାସ, ନିରଞ୍ଜନ ବାରିକ, କବି ନୃସିଂହ ରାଉତ, ସୁବାଷନାଥ ଶର୍ମା, ଦିଲ୍ଲୀପ ବିଶ୍ୱାଳ, ନରେନ୍ଦ୍ର ଧଳ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବ ଆରମ୍ଭରେ ଶ୍ରୀ ଶ୍ରୀ ଠାକୁରଙ୍କ ବିଗ୍ରହକୁ ରଥରେ ବିରାଜମାନ କରାଇ ନଗର ପରିକ୍ରମା କରାଯାଇଥିଲା। ଏହି ଉପଲକ୍ଷେ ମାତୃ ସମିଳନୀରେ ବହୁ ସଂଖ୍ୟକ ମା'ମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅଳପୁଆ ଓ ତରଡିପାଳ ପଞ୍ଚାୟତର ବହୁ ଭକ୍ତ ଯୋଗ ଦେଇଥିଲେ।

# ଜପାରେ ବିଜେଡିର ବନ୍ଧୁମିଳନ



**ଏରସମା, ୯।୨(ସମିସ):** ଏରସମା ବ୍ଲକ ଜପା ପଞ୍ଚାୟତ ଅଫିସ୍ ସମ୍ମୁଖରେ ବିଜେଡିର ଏକ ବ୍ଲକସ୍ତରୀୟ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏରସମା ବ୍ଲକ ବିଜେଡ଼ି ସଭାପତି ପୀତବାସ ଗଛାୟତଙ୍କ ଦ୍ୱାରା ଆହୂତ ଦଳର ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ୫ଶହରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ଓ ନେତାମାନେ ଯୋଗ ଦେଇଥିଲେ। ବ୍ଲକ ବିଜେଡ଼ି ସଭାପତିଙ୍କ ଏହି ତରବରିଆ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଜେଡ଼ି ସମର୍ଥିତ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ବିକାଶ ପରିଡ଼ା, ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ଶାରଦା ପ୍ରସନ୍ନ ଜେନା, ୧ନମ୍ବର ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ ସ୍ୱାଇଁ, ୨ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ରାନୀ ଟୁଡୁ, ସାଂସଦଙ୍କ ପ୍ରତିନିଧି ଅକ୍ଷୟ କୁମାର ସ୍ୱାଇଁ, ଜିଲ୍ଲା ବିଜେଡ଼ି ଉପ ସଭାପତି ବିଜୟ ପାଳ, ବାଲିକୁଦା ଏରସମା ଯୁବ ବିଜେଡ଼ି ସଭାପତି ପାର୍ଥ ସାରଥୀ ରାଉତ, ଏରସମା ବ୍ଲକ ଛାତ୍ର ବିଜେଡ଼ି କାର୍ଯ୍ୟକାରୀ ସଭାପତି ଚନ୍ଦନ ମଲ୍ଲିକ, ଏରସମା ବ୍ଲକ ଯୁବ ବିଜେଡ଼ି ସଭାପତି ବିଭୂତି ଭୂଷଣ ରାୟ, ବ୍ଲକ ଯୁବ ବିଜେଡ଼ି ଉପ ସଭାପତି ମାନସ କୁମାର ସ୍ୱାଇଁ, ବରିଷ୍ଠ ବିଜେଡି ନେତା ଶିଶିର ବିଶ୍ୱାଳ, ମହେନ୍ଦ୍ର ସେନାପତି, ତମିଲ ପ୍ରଧାନ, ବୈଦନାଥ ବିଶ୍ୱାଳ, ରବୀନ୍ଦ୍ର ନାୟକଙ୍କ ସମେତ ବହୁ ବରିଷ୍ଠ ବିଜେଡି ନେତାଙ୍କୁ ଦେଖିବାକୁ ମିଳି ନ ଥିଲା। ଅନ୍ୟ ପକ୍ଷରେ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଏରସମା ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ଢ଼ିଙ୍କିଆ ସରପଞ୍ଚ କିଶୋର ପରିଡ଼ା, ଜପା ସରପଞ୍ଚ ବିଦୁଲତା ରାଉତ, ପଦ୍ମପୁର ସରପଞ୍ଚ ପ୍ରତିଭା ପାତ୍ର, ଏରସମା ବ୍ଲକ ଛାତ୍ର ବିଜେଡ଼ି ସଭାପତି ସୋନକ ଶାସମଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାନସ ସେଠୀ, ପୂର୍ବତନ ସରପଞ୍ଚ କେଶବ ପାତ୍ର, ସଞ୍ଜୟ ମହାନ୍ତି, ଦୀପ୍ତି ରଞ୍ଜନ କୁଅଁର, ପ୍ରଦୀପ୍ତ କିଶୋର ପରିଡ଼ା, ପ୍ରଦାୟିନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଭରତପୁର ଦକ୍ଷିଣକାଳୀ ମନ୍ଦିରର ବାର୍ଷିକ ଉତ୍ସବ

**କେନ୍ଦ୍ରାପଡ଼ା, ୯।୨(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମରେ ଥିବା ମା'ଦକ୍ଷିଣ କାଳୀ ମନ୍ଦିରର ଦ୍ୱିତୀୟ ବାର୍ଷିକ ମହୋତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ୪ଦିନ ଧରି ହେବାକୁ ଥିବା ଏହି ଉତ୍ସବର ପ୍ରଥମ ଦିନରେ ଯଜ୍ଞବେଦି ପ୍ରତିଷ୍ଠା, ଶ୍ରୀଶୁଭାଧିବାସ ଓ ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା କାଲି ଦେବୀଙ୍କ ଘଟନିମଗ୍ନ, କଳସ ଯାତ୍ରା, ଦେବୀଙ୍କ ନଗର ପରିକ୍ରମା, ଗୁରୁପୂଜା, ସୂର୍ଯ୍ୟପୂଜା, ଗୋପୂଜା, ଶାଳାମାର୍ଜନ, କୁଣ୍ଡ ସଂସ୍କାର, ଅଗ୍ନି ସ୍ଥାପନ, ମା'ଙ୍କ ମଣ୍ଡଳ ସରସ୍ୱତୀ ବେଶ ଓ ଆହୂତି ପ୍ରଦାନ ପ୍ରଭୃତି କାର୍ଯ୍ୟକ୍ରମ ହେବ। ଶନିବାର ମା'କାଳୀଙ୍କର ଷୋଡଶ ଉପଚାର ପୂଜା, ଗୀତାଯଜ୍ଞ, ମା'ଙ୍କ ରାଜାରାଜେଶ୍ୱରୀ ବେଶ ଏବଂ ଦର୍ଶନ ପରେ ରବିବାର ମା'କାଳୀଙ୍କର ଷୋଡଶ ଉପଚାର ପୂଜା, ମହିଷାମର୍ଦ୍ଦିନୀ ବେଶ, ଚଣ୍ଡୀଯଜ୍ଞ, ପୂର୍ଣ୍ଣାହୂତି, ପୂର୍ଣ୍ଣଆଳତୀ ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ସମସ୍ତ କାର୍ଯ୍ୟକ୍ରମକୁ ଅଲେଖ ପ୍ରସାଦ ଦାସ, ପ୍ରବୋଧ କୁମାର ଦାସ, ଯୁଗଳ କିଶୋର ଦାସ, ଶିବ ପ୍ରସାଦ ଦାସ, ଶକ୍ତି ପ୍ରସାଦ ମହାନ୍ତି, ତପନ କୁମାର ମହାନ୍ତି, ପ୍ରସନ୍ନ କୁମାର ମଲିକ, ଶ୍ରୀଧର ମହାନ୍ତି, ଶ୍ରୀଚରଣ ବେହେରା, ଅରବିନ୍ଦ ମହାନ୍ତି, ବିମଳାକାନ୍ତ ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ।

# ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ



**ଡେରାବିଶ, ୯।୨ (ସମିସ) :** ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ପଲେଇ ସ୍ଥିତ ବଳଦେବଜୀଉ ସଂସ୍କୃତ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ ଉପଲକ୍ଷେ ଜଗନ୍ନାଥ ସଂସ୍କୃତି, ଧର୍ମ ଦର୍ଶନ ଶୀର୍ଷକ ଆଲୋଚନା ଓ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଯାପନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କର ସଭାପତିତ୍ୱ କରିଥିଲେ। ସଭାରେ ମୁଖ୍ୟ ଅତିଥି ରୂପେ ହରେକୃଷ୍ଣ ମହାତାବ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପକ ଲକ୍ଷ୍ମୀନାରାୟଣ ଦାଶ ଓ ମୁଖ୍ୟବକ୍ତା ଭାବରେ କଟକ ବୟାଳିଶମୌଜାର ସୁଦର୍ଶନ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିଜୟ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବରେ ଭୁବନେଶ୍ୱରସ୍ଥିତ ଇନ୍ଦିରାଗାନ୍ଧି ମୁକ୍ତ ବିଶ୍ୱବିଦ୍ୟାଳୟର ଏକାଡେମିକ୍ କାଉନସେଲର କ୍ଷୀରୋଦ କୁମାର ସାହୁ ଯୋଗଦେଇ ଶ୍ରୀ ଜଗନ୍ନାଥ ସର୍ବଧର୍ମ ସମନ୍ୱୟର କେନ୍ଦ୍ରସ୍ଥଳୀ ବୋଲି ବର୍ଣ୍ଣନା କରିଥିଲେ। ଡକ୍ଟର ପଟ୍ଟନାୟକ ଓଡ଼ିଆ ଭାଷା ସାହିତ୍ୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସାହିତ୍ୟର ବିଭିନ୍ନ ବିଭାଗରେ ହୋଇଥିବା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ଦାଶ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟାପକ ଚନ୍ଦ୍ରକାନ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଓଡ଼ିଆ ବିଭାଗର ଅଧ୍ୟାପକ ବିଷ୍ଣୁ ପ୍ରସାଦ ମହାନ୍ତି ଉକ୍ତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଅଧ୍ୟାପକ ଜୟନ୍ତ କୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ରଞ୍ଜନ କୁମାର ବେହେରା, ହିରଣ୍ମୟୀ ମହାନ୍ତି, ଅନୁପମା ଦାସ, ନିରଞ୍ଜନ ଦଣ୍ଡପାଟ ଓ ଶରତ ଚନ୍ଦ୍ର ସିଂ ପ୍ରମୁଖ ପରିଚାଳନା କରିଥିଲେ।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ

**କେନ୍ଦ୍ରାପଡ଼ା, ୯।୨(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କଂସାର ପଞ୍ଚାୟତର ଫୋରଡ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ହିରଣ୍ୟ ବାରିକ, ପୂର୍ବତନ ଶିକ୍ଷା ପରିଦର୍ଶକ ହେମନ୍ତ ଜେନା, ପୂର୍ବତନ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ଜେନା, ସରପଞ୍ଚ ସରୋଜିନୀ ନାୟକ ପ୍ରମୁଖ ଯୋଗଦେଇ ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ଜେନାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପୂର୍ବତନ ଶିକ୍ଷା ପରିଦର୍ଶକ ବିଦ୍ୟାଳୟକୁ ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

# ଡେରାବିଶ ମହୋତ୍ସବର ବାର୍ଷିକ ସାଧାରଣ ବୈଠକ




**ଡେରାବିଶ, ୯।୨ (ସମିସ):** ଡେରାବିଶ ସାଂସ୍କୃତିକ ସଂଗଠନ ଆନୁକୂଲ୍ୟରେ ଓ ଜିଲ୍ଲା ପ୍ରଶାସନ ସହଭାଗିତାରେ ଗତ ଡିସେମ୍ବର ଶେଷ ସପ୍ତାହରେ ସଫଳତାର ସହ ଅନୁଷ୍ଠିତ ହୋଇସାରିଥିବା ୯ଦିନିଆ ଡେରାବିଶ ମହୋତ୍ସବର ସମୀକ୍ଷା ବୈଠକ ବ୍ଲକ ଅଧୀନସ୍ଥ ଚାଟରାଚକଡ଼ା ପଞ୍ଚାୟତ ଚାଟରାସ୍ଥିତ କିରଣକୁଞ୍ଜଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାଂସ୍କୃତିକ ସଂଗଠନର ସଭାପତି ଡଃ ଭକ୍ତକବି ଦାସ ପୌରୋହିତ୍ୟ କରିଥିଲେ। ଏଥିରେ ସଂଗଠନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇ ବିଗତ ମହୋତ୍ସବର ସଫଳତା ସମେତ ଆଗାମୀ ଦିନରେ ଏହିକାର୍ଯ୍ୟକ୍ରମକୁ କିଭଳି ଅଧିକ ସଫଳତା କରାଯାଇପାରିବ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସଂଗଠନର ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ ବୈଠକର ଆଭିମୁଖ୍ୟ ବାବଦରେ ଆଲୋକପାତ କରିଥିଲେ ପରେ କୋଷାଧ୍ୟକ୍ଷ ରାମଚନ୍ଦ୍ର ରାଉତ ବିଗତ ମହୋତ୍ସବର ଆୟ ଓ ବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ସଂଗଠନ ଉପ ସଭାପତି ମହେନ୍ଦ୍ର କୁମାର ସିଂହ ବିଗତ ୧୨ ବର୍ଷ ଧରି ମହୋତ୍ସବର ସଫଳ ଆୟୋଜନରେ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ସାଂସ୍କୃତିକ ସଂଗଠନ କାର୍ଯ୍ୟାଳୟର ସ୍ଥାୟୀ ଗୃହ ନିର୍ମାଣ ପାଇଁ ଅର୍ଥିକ ଅନୁଦାନ ଯୋଗାଇ ଦେଇଥିବା ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। ଶେଷରେ ସଂଗଠନ କର୍ମକର୍ତ୍ତା ବିପିନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମୀକ୍ଷା ବୈଠକରେ ସଂଗଠନର ଉପଦେଷ୍ଟା ରବି ସାମଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ପ୍ରାଧ୍ୟାପକ ଚିତରଞ୍ଜନ ଦାସଙ୍କ ସମେତ ସଂଗଠନ ସହ ସମ୍ପାଦକ ସରୋଜ କୁମାର ଦାଶ ଓ ବହୁ ସଦସ୍ୟ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଶ୍ରୀବିଗ୍ରହ ବାରେଡ଼ିଆ ଆସିଲା



**ବିରିଡି, ୯।୨(ସମିସ):** ସର୍ବଧର୍ମ ସମନ୍ୱୟ ମତବାଦର ପ୍ରଚାରକ ତଥା ପୁରୀ ଜିଲ୍ଲା ନୟାହାଟସ୍ଥିତ ପ୍ରାଚୀ ଗୁରୁଧର୍ମ କ୍ଷେତ୍ରର ପ୍ରତିଷ୍ଠାତା ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଶ୍ରୀବିଗ୍ରହ ଓ ପାଦୁକା ସ୍ୱର୍ଗତ ଗୋପୀନାଥ ପରିଜାଙ୍କ ଚତୁର୍ଦ୍ଦଶୀ ଉତ୍ସବ ଉପଲକ୍ଷେ ଆଜି ବିରିଡି ବ୍ଲକ ଅନ୍ତର୍ଗତ ବାରେଡିଆ ଗ୍ରାମରେ ଶହ ଶହ ଭକ୍ତଙ୍କ ଗହଣରେ ପହଞ୍ଚିଥିଲା। ମହାମନ୍ତ୍ର 'ଓଁ କୃଷ୍ଣ ମଧୁସୂଦନ ବାସୁଦେବ ଜନାର୍ଦ୍ଦନ' ନାମ କୀର୍ତ୍ତନ ଶଙ୍ଖଧ୍ୱନିରେ ଉକ୍ତ ଗ୍ରାମ ଉଚ୍ଛୁଳି ପଡ଼ିଥିଲା। ଏହି ଧାର୍ମିକ କାର୍ଯ୍ୟକ୍ରମରେ ପ୍ରାଚୀ ଗୁରୁଧର୍ମ କ୍ଷେତ୍ରର ଅଧ୍ୟକ୍ଷ ବାବାଜୀ ଦାମୋଦର ଦାସ, କର୍ମକ୍ଷେତ୍ର ମଙ୍ଗୁଳି ଆଶ୍ରମର ସେବିକା ବିନୋଦିନୀ ଦାସ, ବାବାଜୀ ପୂର୍ଣ୍ଣାନନ୍ଦ ଦାସ ପ୍ରମୁଖ ଯୋଗଦେଇଥିଲେ।। ଏହି ଉପଲକ୍ଷେ ଗୁରୁଦେବଙ୍କ ଷୋଡଶ ଉପଚାରରେ ପୂଜାର୍ଚ୍ଚନା ସହିତ ସେବିକା ସବିତା ଦାସ ବନ୍ଦାପନା ଗୀତ ଓ ଭଜନ ପରିବେଷଣ କରିଥିଲେ। ଉକ୍ତ ଉତ୍ସବକୁ ଆଶ୍ରମର ସେବକ ପ୍ରୀତିରଞ୍ଜନ ଦାସ, ଶିଳ୍ପୀ କୃଷ୍ଣଚନ୍ଦ୍ର ଓଝା, ଦୀପକ ପରିଜା, ସୁରେଶ ରାଉଳ, ସୁକାନ୍ତ ସାହୁ, ପୁଲକ ପରିଜା, ସୁଚେତା ଦାସ, ସ୍ମୃତିରଞ୍ଜନ ଦାସ ପରିଚାଳନା କରିଥିଲେ। ଓଡ଼ିଶାର ବିଭିନ୍ନ ଶାଖା ଆଶ୍ରମର ଭକ୍ତ, ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ବାଲିକୁଦା ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ



**ବାଲିକୁଦା, ୯।୨(ସମିସ):** ବାଲିକୁଦା ଲୋକ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ବାଲିକୁଦା ବ୍ଲକ ସମ୍ମିଳନୀ କକ୍ଷରେ ବିଡ଼ିଓ ବିକାଶ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏବିଡିଓ ସଞ୍ଜୟ କୁମାର ଦାସ, ବ୍ଲକ ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉର, ଜିଲ୍ଲାପରିଷଦ ସଭ୍ୟ ଜଟାଧାରୀ ଦାସ, ଡଲି ପଣ୍ଡା, ଅତିରିକ୍ତ ତହସିଲଦାର ବିରଜା ପ୍ରସାଦ ରାୟଙ୍କ ସମେତ ସମସ୍ତ ୩୦ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ଉପସ୍ଥିତ ରହି ବାଲିକୁଦାରେ ଏକ ଲୋକ ମହାତ୍ସବ ଆୟୋଜନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଯାହାକୁ ଉପସ୍ଥିତ ସମସ୍ତ ଲୋକ ପ୍ରତିନିଧି ମାନଙ୍କ ସମେତ ପ୍ରଶାସନିକ ଅଧିକାରୀ ସମର୍ଥନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଏକ କମିଟି ଗଠନ କରାଯାଇଥିବା ବେଳେ ଏଥିରେ ସଭାପତି ଭାବେ ବିଡ଼ିଓ ଶ୍ରୀ ମହାନ୍ତି ମନୋନୀତ ହୋଇଥିବା ବେଳେ ତହସିଲଦାର ଆଲୋକ ରଞ୍ଜନ ସେଠୀଙ୍କୁ ଉପସଭାପତି ଭାବେ ଚୟନ କରାଯାଇଥିଲା। ସେହିପରି ଏବିଡ଼ିଓ ସଞ୍ଜୟ କୁମାର ଦାସ ସମ୍ପାଦକ ଓ ଆବାହକ ଭାବେ ମନୋନୀତ ହୋଇଥିଲେ। ସମସ୍ତ ଜନପ୍ରତିନିଧିମାନଙ୍କୁ ସଦସ୍ୟ ସଦସ୍ୟା ଭାବେ ସ୍ଥାନ ମିଳିଥିଲା। ମୁଖ୍ୟ ଉପଦେଷ୍ଟା ଭାବେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁନନ୍ଦନ ଦାସଙ୍କୁ ଚୟନ କରାଯାଇଥିବା ବେଳେ ଉପଦେଷ୍ଟା ମଣ୍ଡଳୀରେ ସାଂସଦ ରାଜଶ୍ରୀ ମଲ୍ଲିକଙ୍କ ସମେତ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ଓ ସମସ୍ତ ୪ ଟି ଜୋନର ଜିଲ୍ଲାପରିଷଦ ତଟିନା ସ୍ୱାଇଁ, ରୁନିଲତା ବେହେରା, ଡଲି ପଣ୍ଡା, ଜଟାଧାରୀ ଦାସ ସ୍ଥାନ ପାଇଛନ୍ତି। ଜିଲ୍ଲାର ଅନ୍ୟାନ୍ୟ ବ୍ଲକରେ ଲୋକ ମହୋତ୍ସବ ଆୟୋଜନ ହେଉଥିବା ବେଳେ ବାଲିକୁଦା ବ୍ଲକରେ ଏହା ଆୟୋଜନ ହେଉ ନଥିବା କାରଣରୁ ଏଭଳି ଉଦ୍ୟମ କରାଯାଉଥିବା ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମ ବାଲିକୁଦା ଜଳସମ୍ପଦ ପଡ଼ିଆ ନିକଟରେ ଅନୁଷ୍ଠିତ ହେବା ପାଇଁ ସ୍ଥିର ହୋଇଥିବା ବେଳେ ଫେବୃୟାରୀ ମାସ ୨୦ ଓ ୨୧ ତାରିଖରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ଏହି କାର୍ଯ୍ୟକ୍ରମରେ ବାଲିକୁଦା ବ୍ଲକର ୩୦ ପଞ୍ଚାୟତର କଳାକାର୍‌ମାନଙ୍କୁ ସେମାନଙ୍କ କଳା ପଦର୍ଶନ କରିବା ପାଇଁ ସୁଯୋଗ ଦିଆଯିବା ସହ ଅନ୍ୟାନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

# ଜବରଦଖଲରେ ତାରିଣୀଗଡ଼ାର ବହୁ ସରକାରୀ ଜାଗା

■ ଗଛ କାଟି ନେଉଛନ୍ତି, ଭଡା ଲଗାଉଛନ୍ତି
■ ଏଡିଏମ୍‌ଙ୍କୁ ଅଭିଯୋଗ କଲା ନାଗରିକ ପରିଷଦ

ପାରାଦୀପ, ୯।୨(ସମିସ):

ପାରାଦୀପ ତାରିଣୀଗଡ଼ା ଅଞ୍ଚଳରେ ସରକାରୀ ଜାଗାକୁ ଜବରଦଖଲ କରିଛନ୍ତି ବହୁ ବଡ ବଡ଼ିଆ। ବର୍ଷ ବର୍ଷ ଧରି ନିଜ ଅକ୍ତିଆରରେ ରଖି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଏନେଇ ପ୍ରଶାସନ ମୁହଁ ଖୋଲୁ ନଥିବା ବେଳେ ସେମାନେ ସ୍ଥାନୀୟ ଲୋକଙ୍କୁ ଭୁଆଁ ବୁଲାଇ ଓ ନାଲି ଆଖି ଦେଖାଇ ଚାଲିଛନ୍ତି। ସରକାରୀ ଜାଗାରୁ ବଡବଡିଆ ମାଫିଆମାନେ ଗଛ କାଟି ଦେବା ସହ ଜବରଦଖଲ କରି ଭଡାରେ ଲଗାଇବା ସହ ନିଜେ ବ୍ୟବହାର କରୁଛନ୍ତି। ତାରିଣୀଗଡ଼ା ଅଞ୍ଚଳରେ ଛୋଟ ପିଲାଙ୍କ ମନୋରଞ୍ଜନ ପାଇଁ ଖେଳ ପଡ଼ିଆ କିମ୍ବା ଶିଶୁ ଉଦ୍ୟାନ ଓ ପାର୍କଟିଏ ନାହିଁ। ଗାଡିଟିଏ ପାର୍କିଂ ପାଇଁ ଜାଗା ମଧ୍ୟ ନାହିଁ। ରାସ୍ତା ଉପରେ ଗାଡି ଗୁଡିକ ଲମ୍ବା ଲାଇନ କରି ରଖାଯାଉଛି। କଲୋନୀ ଭିତରେ ପଶିଲେ ଅଣଓସାରିଆ ରାସ୍ତାକୁ ରାସ୍ତା ଉପରେ ଗାଡି ପାର୍କିଂ। ଘର ତିଆରି ଉପକରଣ ନେଇ ଯାଉଥିବା ଟ୍ରକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଦିନେ କଲୋନୀ ଭିତରେ ଆଣ୍ଠୁଏ ପାଣି, ଜଳ ନିଷ୍କାସନ ପାଇଁ ଡ୍ରେନେଜ ସଫା କରାଯିବା ବଦଳରେ ପୋତି ଦେଇ ଲୋକେ ବ୍ୟବହାରରେ ଲଗାଉଛନ୍ତି। ଏଭଳି ଅସୁବିଧାରେ ଅଞ୍ଚଳବାସୀ ଘାଣ୍ଟି ହେଉଥିବାବେଳେ କେହି ବି ଏ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରୁନାହାନ୍ତି। ଫଳରେ ଧିରେ ଧିରେ ଜବରଦଖଲ ଜାଗାକୁ ଲିଜ୍ ଆକାରରେ ଦେଇ ମୋଟା ଅଙ୍କର ଅର୍ଥ କମାଉଛନ୍ତି ମାଫିଆ। ସେଠାରେ ଥିବା ପୁରୁଣା ଗଛଗୁଡିକୁ ରାତି ଅଧିଆ କାଟି ରାତାରାତି ଘର ତିଆରି କରିଦେଉଛନ୍ତି। ତାରିଣୀଗଡ଼ା ଅଞ୍ଚଳରେ ରହିଥିବା ସରକାରୀ ଜାଗାକୁ ଚିହ୍ନଟ କରି ଜବରଦଖଲକାରୀଙ୍କୁ ହଟାଇବା ସହ ସ୍ଥାନୀୟ ପ୍ରଶାସନ ନିଜ ଦଖଲକୁ ନେଇ ସର୍ବସାଧାରଣଙ୍କ ନିମନ୍ତେ ବ୍ୟବହାର ପାଇଁ ରଖିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ସ୍ଥାନୀୟ ବିଜୟଚାନ୍ଦପୁର ନାଗରିକ ମଞ୍ଚ ଏଡିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।





### ନିଯୁକ୍ତି ଦାବିରେ କଂସମୁଣ୍ଡା ଜମିହରାଙ୍କ ଖଣିବନ୍ଦ ଆନ୍ଦୋଳନ

# ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ

କଣିହାଁ, ୯।୨(ସମିସ): କଣିହାଁ ଖୋଲା ମୁହଁ କୋଇଲା ଖଣି ମୁଖ୍ୟ ଫାଟକ ଟାଇମ୍ ଅଫିସ୍ ଠାରେ ନିଯୁକ୍ତି ଦାବିକରି ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଥିଲେ କଂସମୁଣ୍ଡା ଜମିହରା ପ୍ରଜା। ଆଜି ସକାଳ ୬ଟାରୁ ୯ ଘଣ୍ଟା ଧରି ଧାରଣା ଦେଇ ଏମ୍‌ସିଏଲ୍ ଓ ପ୍ରଶାସନ ବିରୋଧରେ ନାରାବାଜୀ କରିଥିଲେ। ଖଣି କର୍ତ୍ତୃପକ୍ଷ ଜାଣିଶୁଣି ନିଯୁକ୍ତି ପକ୍ରିୟାରେ ଅହେତୁକ ବିଳମ୍ବ କରୁଥିବା ନେଇ ଜମିହରା ପକ୍ଷରୁ କୁହାଯାଇଛି। ଆଜି ଅପରାହ୍ନ ୩ଟା ବେଳେ ଘଟଣାସ୍ଥଳକୁ ଖଣି ମହାପ୍ରବନ୍ଧକ କିଶୋର କୁମାର ରାଉଳ, ପ୍ରକଳ୍ପ ଅଧିକାରୀ ନାରାୟଣ ପ୍ରସାଦ ପାତ୍ର ଏବଂ ଖଣି ରାଜସ୍ୱ ଭୂଅର୍ଜନ ଅଧିକାରୀ ମନୋଜ ବିଶ୍ୱାଳ ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ନିଯୁକ୍ତି ପକ୍ରିୟା ଦ୍ୱାରାନିତ ଆମ ହାତରେ ନାହିଁ ମୁଖ୍ୟାଳୟର କାମ ବୋଲି କହିଥିଲେ। ଆସନ୍ତା ୧୧ ତାରିଖ ଅପରାହ୍ନ ବେଳେ ସମ୍ବଲପୁର ମୁଖ୍ୟାଳୟ ଡାଇରେକ୍ଟର୍ ପର୍ସନାଲ୍ ଏବଂ ସିଏମ୍‌ଡିଙ୍କ ଉପସ୍ଥିତିରେ ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ବସିବ ବୋଲି ପ୍ରତିଶ୍ରୁତି ମିଳିଲା ପରେ ଜମିହରା ଆନ୍ଦୋଳନକୁ ସ୍ଥଗିତ ରଖିଥିଲେ। କଂସମୁଣ୍ଡା ଗ୍ରାମ ୯୦ ଜମିହରା ପରିବାର ଏଥିରେ ସାମିଲ୍ ହୋଇଥିଲେ। କଣିହାଁ ପ୍ରାକ୍ତନ ସମିତିସଭ୍ୟ ଦେବେନ୍ଦ୍ର ବାରିକ୍‌ଙ୍କ ନେତୃତ୍ୱରେ ଶତାଧିକ ପୁରୁଷ, ମହିଳା ସାମିଲ୍ ଥିଲେ। ଆନ୍ଦୋଳନ ଫଳରେ ଖଣିରେ କୋଇଲା ଉତ୍ପାଦନ ଓ ପରିବହନ ବାଧାପ୍ରାପ୍ତ ହୋଇଥିଲା। ଜମିହରାଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ବିଜେପି ନେତା କାଳନ୍ଦୀ ସାମଲ, ରାଜେନ୍ଦ୍ର ସିଂ, ଶ୍ରମିକ ନେତା ବିରଞ୍ଚି ନାରାୟଣ ସାହୁ ଓ ରମେଶ ଚନ୍ଦ୍ର ସାମଲ ଏବଂ ବଡଗୁଣ୍ଡୁରି ପୂର୍ବତନ ସରପଞ୍ଚ ଲୋକନାଥ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଁଚିଥିଲେ। ଧାରଣାକାରୀଙ୍କ ଅଭିଯାଗ ମୁତାବକ, ୨୦୧୪ମସିହାରେ ଗୋପାଳଜୀ ପକ୍ଷରୁ ଖଣି ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ ହୋଇଥିଲା। ଇତି ମଧ୍ୟରେ ଜମି ଅଧିଗ୍ରହଣକୁ ୧୪ବର୍ଷ ବିତିଯାଇଥିଲେ ସୁଦ୍ଧା ନିଯୁକ୍ତି କ୍ଷେତ୍ରରେ ଖଣି କର୍ତ୍ତୃପକ୍ଷଙ୍କ ଅହେତୁକ ବିଳମ୍ବ ଯୋଗୁଁ ଆଜି ଜିମିହରା ଆନ୍ଦୋଳନକୁ ବାଧ ହୋଇ ଓହ୍ଲାଇଥିଲେ।



## କୁମଣ୍ଡ ଜରାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀଙ୍କ ବିକ୍ଷୋଭ

କୁଇଓ, ୯।୨(ସମିସ): ଅନୁଗୋଳ ଜିଲ୍ଲାର କୁମଣ୍ଡ ଜରାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାତ କୁମାର ସିହ୍ନାଙ୍କ ନେତୃତ୍ୱରେ କଳା ବ୍ୟାଜ ପରିଧାନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଚାକିରି ସର୍ତ୍ତାବଳୀ ସହିତ ପେନସନ ପ୍ରଦାନ, ସମାନ ଗ୍ରେଡ୍ ପେକୁ ସମାନ ଦରମା, ୨୦୧୮ ଜିଓକୁ ସପ୍ତମ ବେତନ ପ୍ରଦାନ ଓ ଅନୁଦାନରୁ ବାଦ ପଡ଼ିଥିବା କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ ପ୍ରଭୃତି ଚାରିଦଫା ଦାବି ନେଇ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତୁରନ୍ତ ଏହି ଦାବିଗୁଡ଼ିକ ପୂରଣ କରିବାକୁ ଅନୁରୋଧ କରାଯାଇଥିଲା

## ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଯାତ୍ରା

କଣିହାଁ, ୯।୨(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ତାଳପଦା ଓ ହନୁମାନପୁର ଫଂଚାୟତରେ ବିଧାୟକ ମୁକେଶ କୁମାର ପାଲଙ୍କ ନିର୍ଦ୍ଦେଶ କ୍ରମେ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଯାତ୍ରା ଶୁଭରାମ୍ଭ ହୋଇଯାଇଛି। ତାଳପଦା ଫଂଚାୟତ ସଭାପତି ଜିତେନ୍ଦ୍ର ବିଶ୍ୱାଳ ହନୁମାନପୁର ଫଂଚାୟତ ସଭାପତି ଦୁଃଖବନ୍ଧୁ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ୮ ନଂ ଜୋନ ପର୍ଯ୍ୟବେକ୍ଷକ ସୁବାଷ ଚନ୍ଦ୍ର ମହାନ୍ତି, ତାଳପଦା ଚରଣ କୁମାର ସାହୁ, ଛାତ୍ର ସଭାପତି ଭୀମସେନ ସାହୁ, ମହିଳା ସଭାନେତ୍ରୀ ଲୀନାରାଣୀ ସାହୁ, ହାଡିବନ୍ଧୁ ନାଏକ, ବିଷ୍ଣୁ ଚରଣ ବିଶ୍ୱାଳ, ହନୁମାନପୁର ଯୁବ ସଭାପତି ଅଜୟ କୁମାର ସାହୁ ରୁଷବ କୁମାର ପ୍ରଧାନ, ସମ୍ପାଦକ ଜଟ କିଶୋର ବେହେରା, ଭୀଷ୍ମ ସେନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତ୍ୟେକ ଗ୍ରାମର ଘରକୁ ଯାଇ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଯାତ୍ରା ସ୍ଥାପନ କରାଯାଉଛି। ପ୍ରତେକ ୱାର୍ଡ ଓ ବୁଥ ସ୍ତରରେ କିପରି ଦଳ ମଜବୁତ ହେବ ସେ ବିଷୟରେ ଆଲୋଚନା କରାଯାଇଥିଲା।

## ଗୋଣ୍ଡ ସମାଜର ବୈଠକ

କିଶୋରନଗର, ୯।୨(ସମିସ): କିଶୋରନଗର ବ୍ଲକ କଦଳୀମୁଣ୍ଡା ଫଂଚାୟତର କୁଷୁଣୀ ଆମ୍ବତୋଟା ଠାରେ ଗୋଣ୍ଡ ସମାଜର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ଉପସଭାପତି ତିମିର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଗୋଁଣ୍ଡ ସମାଜର ମହାସଚିବ ପ୍ୟାରୀମୋହନ ନାୟକ, ରାଜିଙ୍ଗ ଫୁଜର ସଭାପତି ତଥା ପରିଷଦର ମହାସଚିବ ଚୌଧୁରୀ ସାଏ, ଉପସଭାପତି ତରଣୀ ସେନ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଯୁଧିଷ୍ଠିର ସିଂହ, ସନାତନ ନାୟକ, ଗୌରିଚରଣ ନାୟକ, ସୁଚିତ୍ରା ନାୟକ, ବିଦ୍ୟୁତ ନାୟକ, କୁଶ ନାୟକ, ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ସମାଜର ଭୂମିକା ଉପରେ ଆଲୋଚନା ହେବା ସହ ଜଂଗାଦେବ ମନ୍ଦିର ପ୍ରତିଷ୍ଠା ର ସମାପ୍ତ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ସମାଜର ୧୫ଟି ଫୁଜର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପାଦରେ ଚାଲି ଅଯୋଧ୍ୟା ଯାଇଥିବା ଶୁଭମଙ୍କୁ ସମ୍ବର୍ଦ୍ଧନା



ତାଳଚେର ସଦର, ୯।୨(ସମିସ): ଅଯୋଧାରେ ପ୍ରଭୁ ଶ୍ରୀରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଜାନୁଆରୀ ୨୨ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ତାଳଚେର ଅଞ୍ଚଳର ରାମଭକ୍ତ ଶୁଭମ ସାହୁ (୨୨) ଜାନୁଆରୀ ୪ ତାରିଖରୁ ତାଳଚେରରୁ ପାଦରେ ଚାଲି ଚାଲି ଅଯୋଧ୍ୟା ରାମମନ୍ଦିର ଯାତ୍ରା ଆରମ୍ଭ କରିଥିଲେ। ଶୁଭମ ୩୦ ଦିନ ପଦଯାତ୍ରା କରି ୧୦୦୦ କିଲୋମିଟର ରାସ୍ତା ଅତିକ୍ରମ କରି ଫେବୃଆରୀ ୨ ତାରିଖରେ ଅଯୋଧ୍ୟାରେ ପହଞ୍ଚି ଭଗବାନ ରାମ ଲାଲାଙ୍କ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ। ଅଯୋଧ୍ୟାରୁ ନୂଆଦିଲ୍ଲୀ ଡକାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୬ ତାରିଖରେ ତାଙ୍କ ବାସଭବନରେ ଶୁଭମଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଧର୍ମପତ୍ନୀ ତଥା ବିକାଶ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନ ଶୁଭମଙ୍କୁ ନୂଆଦିଲ୍ଲୀରୁ ତାଳଚେରକୁ ଆଣି ହାଟତୋଟା ହନୁମାନ ମନ୍ଦିରରେ ପହଞ୍ଚାଇଥିଲେ। ସେଠାରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ତାଙ୍କ ତାଳଚେର ଟାଉନ ବଉଳ ଛକସ୍ଥିତ ବାସଭବନରେ ପହଞ୍ଚାଇଥିଲେ। ରାସ୍ତାରେ ସମସ୍ତ ବଜାର କମିଟି, ବିଭିନ୍ନ ଅନୁଷ୍ଠାନ, ବାର ଆସୋସିଏସନ ଏବଂ ସମସ୍ତ ଘରେ ଘରେ ଫୁଲ ଦୀପ ଲଗାଇ ବନ୍ଦାପନା କରାଯାଇଥିଲା। ବରିଷ୍ଠ ବିଜେପି ନେତା କାଳନ୍ଦୀ ସାମଲ, ଯଯାତି ପଟ୍ଟନାୟକ, ପର୍ଶୁରାମ ବାରିକ, ଜିତେନ୍ଦ୍ର ଦାସ, ସତ୍ୟବ୍ରତ ସାହୁ, ରାଜେନ୍ଦ୍ର ସିଂହ, ରତ୍ନାକର ସାହୁ, ମନୋଜ ପ୍ରଧାନ, ବିଭୂତି ସାହୁ ପ୍ରମୁଖ ଶୁଭମଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ।

## ପବିତ୍ରମୋହନ ପ୍ରଧାନଙ୍କ ଜୟନ୍ତୀ ପାଳିତ

ତାଳଚେର ସଦର, ୯।୨(ସମିସ): ଗଡ଼ଜାତ ଆନ୍ଦୋଳନର ମୁଖ୍ୟ ପୁରୋଧା, ଆଜନ୍ମ ବିପ୍ଳବୀ ତଥା ପୂର୍ବତନ ଉପମୁଖ୍ୟ ମନ୍ତ୍ରୀ ଜନନେତା ପବିତ୍ରମୋହନ ପ୍ରଧାନଙ୍କ ୧୧୭ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ତାଳଚେର ପବିତ୍ରମୋହନ ପ୍ରଧାନ ସ୍ମୃତି କମିଟି ପକ୍ଷରୁ ଆବାହକ ତପନ ମହାରଣାଙ୍କ ନେତୃତ୍ୱରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ବିଜେଡି କୋଷାଧ୍ୟକ୍ଷ ତଥା ସମାଜସେବୀ ବାନାମ୍ବର ଭୁତିଆ ଯୋଗଦେଇ ତାଳଚେର ପବିତ୍ର ମୋହନ ଛକସ୍ଥିତ ପବିତ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପବିତ୍ରମୋହନଙ୍କ ନୀତି ଆଦର୍ଶ ସମ୍ପର୍କରେ ଅନୁପ୍ରାଣିତ ହୋଇ କାର୍ଯ୍ୟକରିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ମୁଖ୍ୟ ବକ୍ତାଭାବେ ଗବେଷକ ଡ଼ ମହେଶ୍ୱର ପ୍ରଧାନ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ସଭାପତି ଜିତେନ୍ଦ୍ର ମହାପାତ୍ର, ନଗର ସଭାପତି ଆସିଫ ଖାଁ, କାଉନସିଲର ସଞ୍ଜୀବ ବେହେରା, ସମାଜସେବୀ ଦେବେନ୍ଦ୍ର ବେହେରା, ଠିକା ଶ୍ରମିକ ନେତା ବାବୁନି ସ୍ୱାଇଁ, ନେତାଜୀ ସୁଭାଷ ବୋଷ ସ୍ମୃତି କମିଟିର ସଭାପତି ପ୍ରକାଶ ସାହୁ, ଅଭୟ ରାଉତ, ପ୍ରମୁଖ ବୀର ପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଳଚେର ପୌର ପରିଷଦ ପକ୍ଷରୁ ପ୍ରତିମୂର୍ତ୍ତି ସଫାସୁତରା କରି ସ୍ମୃତିସଭା ଆୟୋଜନ କରାଯାଇଥିଲା। ସେହିପରି ପ୍ରତ୍ୟୁଷରୁ ତାଳଚେର ପୌରାଞ୍ଚଳ ନଗରପାଳ ପବିତ୍ର ଭୁତିଆ ମଧ୍ୟ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଚେତନତା

କିଶୋରନଗର, ୯।୨(ସମିସ): କିଶୋରନଗର ବ୍ଲକର ଠେଲକନାନାଳୀ, ଅଙ୍ଗପଡ଼ା ଓ ଆମ୍ବ ପାଳନ ଫଂଚାୟତରେ ଆଜି ବ୍ଲକ ପ୍ରଶାସନ ପକ୍ଷରୁ ଆମ ଓଡିଶା ନବୀନ ଓଡିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଠେଲକନାନାଳୀ ଫଂଚାୟତରେ ସରପଞ୍ଚ ଅମିତ୍ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବିଡିଓ ବିନୋଦ ବିହାରୀ ବେହେରା ଯୋଗଦେଇ ସରକାରଙ୍କ ଜନକଲ୍ୟାଣ କାରୀ ଯୋଜନା ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତିର ସଂଯୋଜକ ଉପେନ୍ଦ୍ର ବେହେରା, ଯୋଗଦେଇଥିଲେ। ସେହିପରି ଆମ୍ବପାଳ ଫଂଚାୟତରେ ସରପଞ୍ଚ ସୂଲୋଚନା ବୀରଙ୍କ ଅଧ୍ୟକ୍ଷତାରେ ଜିପିଡିଓ ସତ୍ୟ ପ୍ରୀୟ ସାହୁ, କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅଙ୍ଗପଡା ଫଂଚାୟତରେ ସରପଞ୍ଚ ଜିତେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଜୀବିକା ମିଶନର ସୁଜିତ ପ୍ରଧାନ ଯୋଗଦେଇ ସଚେତନ କରାଇଥିଲେ। ଏହି ଶିବିର ଗୁଡିକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଆଠମଲ୍ଲିକ, ୯।୨(ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ଠାରେ ଥିବା ଷୋଳପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୀର୍ଘ ୭ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଠାକୁରଗଡ଼ ଥାନା ଆଇଆଇସି ନଟବର ନନ୍ଦ, ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଜିଲ୍ଲା ମହିଳା ସଂଯୋଜିକା ପତିତପାବନ ମହାବିଦ୍ୟାଳୟର ଅଧ୍ୟକ୍ଷା ଶକ୍ତି ସ୍ୱରୂପା, ଜିଲ୍ଲା ସହ ସଂଯୋଜକ ପତିତପାବନ ମହାବିଦ୍ୟାଳୟର ବରିଷ୍ଠ ଅର୍ଥନୀତି ବିଭାଗ ଅଧ୍ୟାପକ ସମ୍ବିତ ରାଉତ, ଷୋଳପଦା ଡ଼ିଗ୍ରୀ କଲେଜ ର ଅଧ୍ୟକ୍ଷା ପ୍ରତିମା ବାଘ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଅଧ୍ୟକ୍ଷ ପ୍ରବୀଣ କୁମାର ସାହୁ ସଭାପତି ଆସନ ଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଖେଳ ଶିକ୍ଷକ ଚକ୍ରଧର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ମାଷ୍ଟର ଟ୍ରେନର ପ୍ରିୟଦର୍ଶିନୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ୫୭ ଜଣ ଛାତ୍ରୀ ତାଲିମ ନେଇଥିଲେ। ସମସ୍ତଙ୍କୁ ଅତିଥିମାନେ ମାନପତ୍ର ଦେଇ ପୁରସ୍କୃତ କରିଥିଲେ।

## ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ମହାନତା



କଣିହାଁ, ୯।୨(ସମିସ): ବୁଧବାର ବଜ୍ରକୋଟ ଗ୍ରାମର ଅଧିବାସୀ ହଡ଼ା ନାଏକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବାରୁ ପାଲଲହଡ଼ା ବିଧାୟକ ମୁକେଶ ପାଲଙ୍କ ଅନୁରୋଧ କ୍ରମେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ସହମତି ପ୍ରକାଶ କରିଛନ୍ତି। ତାଙ୍କର ଉତ୍ତମ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥିତ ଆମ୍ରି ହସ୍ପିଟାଲରେ ଅଧିକାରୀଙ୍କ ସହିତ ଆଲୋଚନା କରି ଶ୍ରୀ ନାଏକଙ୍କ ପରିବାର ସହ ବାର୍ତ୍ତାଳାପ କରି ଆଶୁ ଆରୋଗ୍ୟ କାମନା କରିଛନ୍ତି। ବିଧାୟକ ଶ୍ରୀ ପ୍ରଧାନ ଓ ଶ୍ରୀ ପାଲଙ୍କ ସେବା ମନୋଭାବ ଯୋଗୁଁ ଉଭୟ ବିଧାନସଭା ନିର୍ବାଚନମଣ୍ଡଳୀ କଣିହା ବ୍ଲକ ଅଞ୍ଚଳରେ ବିଭିନ୍ନ ମହଲରୁ ସାଧୁବାଦ ଜ୍ଞାପନ କରାଯାଇଛି।

## ବଚପନ୍ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ



ଅନୁଗୋଳ,୯।୨(ସମିସ): ମିଶ୍ରପଡ଼ା ସ୍ଥିତ ବଚପନ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ ସ୍ଥାନୀୟ ସଭାଘର ଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସାନ୍ତନୁ କୁମାର ସର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦଘାଟନ କରିଥିଲେ। ସ୍କୁଲର ଅଧ୍ୟକ୍ଷା ଇଭାଲଲିନ ରଥ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ନିର୍ଦ୍ଦେଶିକା ସଲିମା ଦାମାନୀ ସ୍କୁଲର ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସ୍ୱାଧୀନତା ଦିବସ ଅବସରରେ ଜିଲ୍ଲାସ୍ତରୀୟ ରଙ୍ଗଭରୋ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଶେଖ ଅରକମଙ୍କୁ ସ୍କୁଲ ତରଫରୁ ସମ୍ମାନିତ କରାଯାଇଥିଲା। ଭାରପ୍ରାପ୍ତ ଅଧିକାରୀ ଅନୁଗୋଳ ପୁଲିସ ଷ୍ଟେସନର ଶେଷ୍ଠ ଟ୍ରାଫିକ ପୁଲିସ ଭାବେ ଯଶୋଦା ନାୟକଙ୍କୁ ଏବଂ ପୋଷ୍ଟମାଷ୍ଟର ଅନୁଗୋଳର ଶେଷ୍ଠ ପୋଷ୍ଟ ମ୍ୟାନ ଭାବେ ସୁଧାକର ସାହୁଙ୍କୁ ତାଙ୍କ କାର୍ଯ୍ୟଦକ୍ଷତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମାରୋହରେ ଛେଳିଆପଡ଼ା ଗ୍ରାମର କୁମ୍ଭାର ତ୍ରିନାଥ ମୁଦୁଲି ଏବଂ ସ୍କୁଲର ବସ୍ ଡ୍ରାଇଭର କାଳିଆ ସାହୁ ଏବଂ ପ୍ରତାପ ପ୍ରଧାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମାଆମାନଙ୍କ ଦ୍ୱାରା ରାମ୍ପ ୱାକ୍ ସମସ୍ତଙ୍କ ମନ ମୋହିଥିଲା। ଏହି କାର୍ଯ୍ୟକ୍ରମକୁ ଉପଦେଷ୍ଟା ସିମରନ ବେଗମ ଏବଂ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ପରିଚାଳନା କରିଥିବା ବେଳେ ନୀଝାର ଅଲ୍ଲୀ ଦାମାନୀ ଧନ୍ୟବାଦ ଅର୍ପଣ କରିଥିଲେ।

### ପେଚାମୁଣ୍ଡି ସରପଞ୍ଚଙ୍କ ହସ୍ତକ୍ଷେପ

## ଖୋଲିଲା ପଞ୍ଚାୟତ କାର୍ଯ୍ୟାଳୟ ତାଲା

ପାଲଲହଡ଼ା, ୯।୨(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ପେଚାମୁଣ୍ଡି ପଞ୍ଚାୟତରେ ଦୁଇଦିନ ଧରି ଚାଲିଥିବା ଉତ୍ତେଜନା ଶୁକ୍ରବାର ସରପଞ୍ଚ ରମେଶ ଚନ୍ଦ୍ର ପ୍ରଧାନଙ୍କ ହସ୍ତକ୍ଷେପ ପରେ ଶାନ୍ତ ପଡ଼ିଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଆୟୋଜନକୁ ନେଇ ଉପୁଜିଥିବା ବିବାଦର ସମାଧାନ ହୋଇଥିବା ଜଣାପଡିଛି। ସୂଚନା ମୁତାବକ ଗତ ବୁଧବାର ପାଲଲହଡ଼ା ବ୍ଲକ ପେଚାମୁଣ୍ଡି ପଞ୍ଚାୟତରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ର ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଯୋଜନାରେ ସମସ୍ୟା ଭୋଗୁଥିବା ଜନସାଧାରଣ ଏହି ଶିବିରରେ ନିଜ ନିଜ ସମସ୍ୟାର ସମାଧାନ ପାଇପାରିବେ ଲକ୍ଷ୍ୟ ନେଇ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ରମେଶ ଚନ୍ଦ୍ର ପ୍ରଧାନ ଉପରିସ୍ଥ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ପଞ୍ଚାୟତ କାର୍ଯ୍ୟାଳୟରେ ଏହି ଶିବିରକୁ ଆୟୋଜନ ନକରି ସମସ୍ତ ଜନସାଧାରଣଙ୍କ ଗମନାଗମନ ସୁବିଧା ପାଇଁ ପଞ୍ଚାୟତର ମଧ୍ୟସ୍ଥଳୀ ତଥା ନିଜ ଗାଁ ଜୋକପାଣିରେ ଶିବିରକୁ ଆୟୋଜିତ କରିବା ପାଇଁ ନିଷ୍ପତ୍ତି ନେଇ କାର୍ଯ୍ୟକ୍ରମର ସପ୍ତାହେ ପୂର୍ବରୁ ସମସ୍ତଙ୍କୁ ଜଣାଇଥିଲେ। ସେହି ଅନୁସାରେ ଶିବିର ଆୟୋଜିତ ହୋଇଥିଲା ଏବଂ ପଞ୍ଚାୟତର ୧୧ ଗୋଟି ୱାର୍ଡ଼ରୁ ହଜାରେରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦାନ କରିଥିଲେ। ମାତ୍ର ସରପଞ୍ଚ କାହିଁକି ନିଜ ଗାଁରେ ଶିବିର କଲେ, କାହାକୁ ନ ଜଣାଇ କିଏ ସ୍ଥାନ ପରିବର୍ତ୍ତନ କଲା ଆଦି ଆରୋପ ଲଗାଇ ବୁଧବାର ପେଚାମୁଣ୍ଡି ଗ୍ରାମର କିଛି ମହିଳା ପଞ୍ଚାୟତ କାର୍ଯ୍ୟାଳୟକୁ ତାଲା ପକାଇ ଦେଇଥିଲେ। ତାଲା ପଡ଼ିବା ଘଟଣା ପ୍ରଚାର ହେବା ପରେ ଶୁକ୍ରବାର ସରପଞ୍ଚ ନିଜେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ଘଟଣା ବିଷୟରେ ମହିଳାମାନଙ୍କ ସହିତ ଆଲୋଚନା କରିଥିଲେ। ଭୁଲ ବୁଝାମଣା ପାଇଁ ଏପରି ଘଟଣା ଘଟିଥିବାରୁ ମହିଳାମାନେ ପଞ୍ଚାୟତର ତାଲା ଖୋଲିଥିଲେ। ତେବେ ରାଜନୈତିକ ସ୍ୱାର୍ଥ ପାଇଁ ଏପରି ଘଟଣା ଘଟିଛି ବୋଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ନାଏକ ପ୍ରକାଶ କରିଥିଲେ।



## ୧୬ରେ ଗ୍ରାମୀଣ ଭାରତ ବନ୍ଦ ଏବଂ ଶିଳ୍ପ ଧର୍ମଘଟ

ଅନୁଗୋଳ, ୯।୨(ସମିସ): ସଂଯୁକ୍ତ କିଶାନ ମୋର୍ଚ୍ଚା ଏବଂ କେନ୍ଦ୍ରୀୟ ଶ୍ରମିକ ସଂଗଠନ, ଫେଡେରସନ୍‌ର ମିଳିତ ଆହ୍ୱାନରେ ଆସନ୍ତା ୧୬ ଫେବୃୟାରୀ ଗ୍ରାମୀଣ ଭାରତ ବନ୍ଦ ଏବଂ ଶିଳ୍ପ ଧର୍ମଘଟକୁ ସଫଳ କରିବା ପାଇଁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏବଂ ଏଆଇକେକେଏମ୍‌ଏସ୍‌ର ସରକାରୀ କର୍ମଚାରୀର ମାନ୍ୟତା ଆଦି ଦାବିରେ ହେବାକୁ ଥିବା ଗ୍ରାମୀଣ ଭାରତବନ୍ଦ ଏବଂ ଶିଳ୍ପ ଧର୍ମଘଟକୁ ଅନୁଗୋଳ ଜିଲ୍ଲାରେ ସଫଳ କରିବାକୁ ବ୍ୟାପକ ପ୍ରଚାର ଏବଂ ଶିଳ୍ପ ଶ୍ରମିକମାନଙ୍କୁ ନେଇ ଧର୍ମଘଟ କରିବାକୁ ସଭାରେ ନିଷ୍ପତି ହୋଇଛି। ଏହି ବୈଠକରେ



ସଫଳ କରିବାକୁ ମିଳିତ ବୈଠକ

ମିଳିତ ବୈଠକ ଏଆଇୟୁଟିୟୁସି ଜିଲ୍ଲା ସଭାପତି ପ୍ରହଲ୍ଲାଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଶିକ୍ଷକପଡ଼ାସ୍ଥ ନବକୃଷ୍ଣ ଚୌଧୁରୀ ସ୍ମୃତିପାଠାଗାର ଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ବିଜେପି ସରକାରଙ୍କର ଚାଷୀ, ଶ୍ରମିକ ଏବଂ ଜନବିରୋଧୀ ପଦକ୍ଷେପ, ଏମ୍‌ଏସ୍‌ପିକୁ ଆଇନ୍‌ର ଗ୍ୟାରେଣ୍ଟି, ୨୦୨୩ ବିଦ୍ୟୁତ୍ ଆଇନ୍ ବାତିଲ୍, ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲ, ସର୍ବନିମ୍ନ ମଜୁରୀ ୨୮ ହଜାର ଟଙ୍କା, ସ୍କିମ୍ ୱାର୍କର ଆଶା, ଅଙ୍ଗନବାଡ଼ି, ପାଚିକା-ସହାୟିକା ମାନଙ୍କୁ ଏଚ୍‌ଏମ୍‌ଏସ୍ ଜିଲ୍ଲା ସଭାପତି ତ୍ରିଲୋଚନ ପ୍ରଧାନ, ସିଆଇଟିୟୁ ରାଜ୍ୟ ଉପସଭାପତି ତଥା ଜିଲ୍ଲା ସାଧାରଣ ସମ୍ପାଦକ ଡକ୍ଟର ଉପେନ୍ଦ୍ର ଶର୍ମା, ଏଆଇୟୁଟିୟୁସି ଜିଲ୍ଲା ସମ୍ପାଦକ ବ୍ରଜବନ୍ଧୁ ସାହୁ, ଏଆଇସିସିଟିୟୁ ପକ୍ଷରୁ ତପନ ମହାନ୍ତି, ଏଆଇକେକେଏମ୍‌ଏସ୍ ଜିଲ୍ଲା ସଭାପତି ସୁବାସ ପ୍ରଧାନ, ସଞ୍ଜୟ ସାହୁ, ଚାଷୀ ସୁରକ୍ଷା କମିଟି, ଅନୁଗୋଳର ଜିଲ୍ଲା ସଭାପତି ପ୍ରଦୀପ କୁମାର ପ୍ରଧାନ, ସମ୍ପାଦକମଣ୍ଡଳୀ ସଦସ୍ୟ କାଳୀଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ପାଲଲହଡ଼ା, ୯।୨(ସମିସ): ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଶୁକ୍ରବାର ବ୍ଲକର କାରଡାପାଳ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲୀପ କୁମାର ବାରା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଓ ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଯୋଜନାରେ ସମସ୍ୟା ଭୋଗୁଥିବା ଜନସାଧାରଣ ଏହି ଶିବିରରେ ନିଜ ନିଜର ସମସ୍ୟାର ସମାଧାନ ପାଇ ପାରିବେ। ଏହା ବ୍ୟତୀତ କୃଷି ବିଭାଗ, ଉଦ୍ୟାନ ବିଭାଗ, ବିଦ୍ୟୁତ ବିଭାଗ, ମିଶନ ଶକ୍ତି, ସ୍ୱାସ୍ଥ୍ୟ ବିଭାଗ, ବନ ବିଭାଗ, ଆଦି ଦଶ ଗୋଟି ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ରହି ସମ୍ପୃକ୍ତ ବିଭାଗରେ ଜନସାଧାରଣଙ୍କ ସମସ୍ୟାର ସମାଧାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ବୁଧୁରାମ ବୋଇପାଇ, ସାବିତ୍ରୀ ମାଝୀ ଉପସ୍ଥିତ ଥିଲେ।

## ନୂତନ ବସ୍ତ୍ର, ଶୁଖିଲା ଖାଦ୍ୟ ବଣ୍ଟନ

ତାଳଚେର, ୯ ।୨(ସମିସ): ତାଳଚେର କଣିହାଁର ଏମସିଏଲ କୋଇଲା ଖଣିର ସଞ୍ଜୀବନୀ ମହିଳା ମଣ୍ଡଳ ପକ୍ଷରୁ ତାଳଚେର ଅଞ୍ଚଳରେ ଥିବା ବିଭିନ୍ନ ବସ୍ତିକୁ ଯାଇ ୨୦ ଗୋଟି ପରିବାରକୁ ଭେଟି ମହିଳାଙ୍କୁ ନୂତନ ଶାଢ଼ି, ପୁରୁଷଙ୍କୁ ଲୁଙ୍ଗି, ଗାମୁଛା ଓ ଶୀତ ବସ୍ତ୍ରସହିତ ଚୁଡ଼ା, ବିସ୍କୁଟ ବଣ୍ଟନ କରାଯାଇଛି। ସମାଜସେବୀ କ୍ଷୀରୋଦ ସାହୁ ୨୦ଗୋଟି ଅସହାୟ ପରିବାରକୁ ଚିହ୍ନଟ କରି ମହିଳା ମଣ୍ଡଳକୁ ସହଯୋଗ କରିଥିଲେ। ଏହି ବଣ୍ଟନ ସମୟରେ ମହିଳା ମଣ୍ଡଳର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ପାଳନ ହେଉନାହିଁ ଆରଡିସିଙ୍କ ନିର୍ଦ୍ଦେଶ

# ଭୁବନ ତହସିଲ ଘେରଉ ସହ ୫୩ ନଂ. ଜାତୀୟ ରାଜପଥ ଅବରୋଧ

ଭୁବନ, ୯।୨(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ତହସିଲରେ ଆରଡିସିଙ୍କ ନିର୍ଦ୍ଦେଶ ପାଳନ ହେଉ ନଥିବା ପ୍ରତିବାଦରେ ଭୁବନ ତହସିଲ ଘେରଉ କରାଯିବା ସହ ଦୀର୍ଘ ଏକ ଘଣ୍ଟା ଧରି ୫୩ ନଂ ଜାତୀୟ ରାଜପଥକୁ ଅବରୋଧ କରାଯାଇଛି। ଭୁବନ ତହସିଲ ସମ୍ମୁଖରେ ଶବର ସମ୍ପ୍ରଦାୟର ହଜାର ହଜାର ମହିଳା ଦେବାଶିଷ ହୋତାଙ୍କ ସହ ଧାରଣାରେ ବସିଥିବା ଜଣାପଡ଼ିଛି। ଦୀର୍ଘବର୍ଷ ଧରି ଶବର ଓ ସଅରଙ୍କୁ ଆଦିବାସୀ ପ୍ରମାଣପତ୍ର ମିଳୁନାହିଁ। ଜୁଲାଇ ମାସ ୧୦, ୨୦୨୩ରେ ସମ୍ବଲପୁର ରାଜସ୍ୱ କମିଶନର ଭୁବନ ତହସିଲକୁ ୯୪ଜଣ ସଅର ସମ୍ପ୍ରଦାୟର ବ୍ୟକ୍ତିଙ୍କ ଜମି ପଟ୍ଟା ପରିବର୍ତ୍ତନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହା ପରେ ମଧ୍ୟ ସଅର ବା ଶବରଙ୍କ ଆରଓଆର ସଂଶୋଧନ ୭ ମାସ ବିତିଯାଇଥିଲେ ମଧ୍ୟ ଭୁବନ ତହସିଲରେ ଏହାକୁ କାର୍ଯ୍ୟକ୍ଷମ କରାଯାଇନାହିଁ। ଭୁବନ ତହସିଲ ପକ୍ଷରୁ ସଂଶୋଧନ କରାଯାଇ ନଥିବାରୁ ହଜାର ହଜାର ସଂଖ୍ୟାରେ ଆଦିବାସୀ ପୁରୁଷ ମହିଳା ଶିଶୁ ପାରମ୍ପରିକ ଘୁମୁରା ବାଦ୍ୟ ବଜାଇ ସ୍ଥାନୀୟ ଡାକ ବଙ୍ଗଳା ଛକରୁ ବାହାରି କାଳୀବଜାର, ନୂଆ ବଜାର ଦେଇ ତହସିଲ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ। ତହସିଲ ଫାଟକ ସମ୍ମୁଖରେ ଧାରଣାରେ ବସି ରହିବାରୁ ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଦୀର୍ଘ ସମୟ ବସିବା ପରେ କୌଣସି ସମାଧାନ ନହେବାରୁ ଆନ୍ଦୋଳନକାରୀମାନେ ୫୫ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଖବରପାଇ କାମାକ୍ଷାନଗର ଏସଡିପିଓ ପ୍ରଭାତ ତ୍ରିପାଠୀ, ଭୁବନ ତହସିଲଦାର ଶୁଭ୍ର ପଟେଲ, ଥାନାଧିକାରୀ ମମତା ମହାନ୍ତି ପହଞ୍ଚି ଆନ୍ଦୋଳନକାରୀଙ୍କୁ ୭ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ଲିଖିତ ପ୍ରତିଶୃତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।



